## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ବୈଷ୍ଣବୀ ମାତା ବେଶ



ନାଉଗାଁ,୧୦।୧୦(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ସରୋଘ୍ନୋସ୍ଥିତ ମା'ସିଦ୍ଧିଦାତ୍ରୀଙ୍କ ଷୋଡ଼ଶ ଉପଚାର ପୂଜାର ଚତୁର୍ଥ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ବୈଷ୍ଣବୀ ମାତା ରୂପରେ ସୁସଜ୍ଜିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଚାଲିଥିବା ବେଳେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ। ମା'ଙ୍କର ଏହି ବେଶ ଦେଖିବା ପାଇଁ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ଗାଡ଼ି ଧକ୍କାରେ ମାନସିକ ବିକାରଗ୍ରସ୍ତ ବୃଦ୍ଧା ଗୁରୁତର

କୁଜଙ୍ଗ,୧୦।୧୦(ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ନିକଟରେ ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ରେ ଏକ ୪ ଚକିଆ ଗାଡ଼ି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣା ନ ଥିବାବେଳେ ସେ କୁଜଙ୍ଗ ବଜାର ସମେତ ଆଖପାଖ ଅଞ୍ଚଳରେ ଅନେକ ସମୟରେ ବୁଲାବୁଲି କରୁଥାନ୍ତି। ଦୁର୍ଘଟଣା ପରେ ଗାଡ଼ିଟି ସେଠାରୁ ପଳାଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ସମେତ ସାମାଜିକ କର୍ମୀ ପଙ୍କଜ ତରାଇ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅଧିକ ଚିକିତ୍ସା ପାଇଁ ବୃଦ୍ଧାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ଦାୟିତ୍ୱରେ ଥିବା ଡାକ୍ତର ବିଶ୍ୱଜିତ ମହାକୁଡ଼ କହିଛନ୍ତି।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ରାଜନଗର, ୧୦।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତରେ ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ କି ବାତ୍‌ର ଜିଲା ସଂଯୋଜକ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହାତିନା ପଞ୍ଚାୟତର ଏଣ୍ଡୁଳାପୁର, ପ୍ରସନ୍ନପୁର, ପେଣ୍ଠ ପ୍ରଭୃତି ଗାଁରୁ ମାଟି ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକିଶୋର ସାହୁ, ବସନ୍ତ କୁମାର ରାଉତ, ଚିତ ପାତ୍ର, ବଳରାମ ରାଉତ, ସୁରେନ୍ଦ୍ର ଭୂୟାଁ, ନଳିନୀକାନ୍ତ ମିଶ୍ର, ପ୍ରମୋଦ ଦାସ, କ୍ରୀଷ୍ଣା ବେହେରା, ସର୍ବେଶ୍ୱର ଜେନା, ଦଶରଥ ଜେନା, ରବି ରାଉତ, ସସ୍ମିତା ପାତ୍ର, ଦଇତାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଗୋବିନ୍ଦ ତରାଇ ସୁସଙ୍ଗଠକ, ନିଷ୍କପଟ ରାଜନେତା ଥିଲେ

କୁଜଙ୍ଗ,୧୦।୧୦ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକର ଜଣାଶୁଣା ରାଜନେତା ତଥା କୈବର୍ତ୍ତ ଜାତିର କର୍ଣ୍ଣଧାର ପାରାଦୀପ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ତରାଇଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡଠାରେ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ କୁଜଙ୍ଗ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ ପ୍ରଭାତ ନନ୍ଦୀ ଯୋଗଦେଇଥିଲେ। ସ୍ୱର୍ଗତ ତରାଇ ଜଣେ ସୁସଙ୍ଗଠକ ଓ ନିଷ୍କପଟ ରାଜନେତା ଥିଲେ ବୋଲି କହିଥିଲେ। ତାଙ୍କ ଉଦ୍ୟମରେ କୈବର୍ତ୍ତପେଣ୍ଠ କାଳିଆ ପାଟଠାରେ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈବର୍ତ୍ତ ଷୋଳଭାଇ ସଭାର ସମ୍ପାଦକ ଶରତ ବେହେରା, ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା,ସାମାଜିକ କର୍ମୀ ସୁଧାଂଶୁ ମହାପାତ୍ର, ପୂର୍ବତନ ସରପଞ୍ଚ ମିହିର ରଞ୍ଜନ ସାହୁ, ଶିକ୍ଷାବିତ୍ କଳ୍ପନା ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଗୁରୁତର ଯୁବକ ମୃତ: କ୍ଷତିପୂରଣ ଦାବିରେ ଧାରଣା

### ରାସ୍ତାରେ ଗତିରୋଧକ ଲଗାଇବାକୁ ଦାବି

ପାରାଦୀପ,୧୦।୯(ଶରତ ରାଉତ)



ବାଲିଝରାବସ୍ତିର ଲୋକମାନେ ଧାରଣାରେ ବସିଛନ୍ତି।

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ପିପିଏଲ୍ ରାସ୍ତାର ବାଲିଝରା ଛକରେ ସୋମବାର ରାତିରେ ସଡ଼କ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବାଲିଝରା ବସ୍ତିରେ ରହୁଥିବା ସୁନୀଲ ହାଁସଦା (୨୭)। ତାଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତାରେ ଗତିରୋଧକ (ହମ୍ପ)ନିର୍ମାଣ ଦାବିରେ ମଙ୍ଗଳବାର ଅପରାହ୍ଣରେ ବାଲିଝରାବସ୍ତିର ଲୋକମାନେ ଧାରଣା ଦେଇଥିଲେ। ସନ୍ଧ୍ୟାରେ ପୋଲିସ ଓ ଜିଲା ପ୍ରଶାସନ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୁନୀଲ ବିଭିନ୍ନ ଜାଗାରେ ଠିକାଶ୍ରମିକ ଭାବେ କାମ କରନ୍ତି। ସୋମବାର ରାତି ପ୍ରାୟ ୯ଟାରେ ସେ ପିପିଏଲ୍ ରାସ୍ତାକୁ ଯାଇଥିଲେ। ସେଠାରେ ଟ୍ରକ ପାର୍କିଂ ପାଖରେ ଠିଆହୋଇ ଏକ ପାଣି ବୋତଲ ଉପରକୁ ଟେକି ପିଇବା ବେଳେ ଦ୍ରୁତବେଗରେ ଆସୁଥିବା ଏକ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିବା ପରେ ମଙ୍ଗଳବାର ଅପରାହ୍ଣରେ ଆମ୍ବୁଲାନ୍ସରେ ସୁନୀଲଙ୍କ ମୃତଦେହ ବାଲିଝରା ବସ୍ତିରେ ପହଞ୍ଚିଥିଲା। ଏହାପରେ ବସ୍ତିବାସିନ୍ଦା ଆମ୍ବୁଲାନ୍ସକୁ ଅଟକାଇ ଧାରଣା ଦେଇଥିଲେ। ବସ୍ତିର ଦୀପକ ସ୍ୱାଇଁଙ୍କ ସୂଚନା ଅନୁସାରେ, ଉକ୍ତ ରାସ୍ତା ମରାମତି ପରେ ସଙ୍କୁଚିତ ହୋଇଯାଇଛି। ସେହି ରାସ୍ତାରେ ଅଧିକ ଭାରିଯାନ ଚଳାଚଳ କରୁଛି। ୨ ମାସ ତଳେ ସମାନ ଜାଗାରେ ଦୁର୍ଘଟଣା ଯୋଗୁ ଜଣେ ଶ୍ରମିକଙ୍କ ପରଲୋକ ଘଟିଛି ।ଏବେ ପୁଣି ଥରେ ଦୁର୍ଘଟଣା ହୋଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତାରେ ଗତିରୋଧକ ପାଇଁ ଆମେ ଧାରଣା ଦେଇଥିଲୁ। ଖବରପାଇ ପ୍ରଶାସନ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ସହ ରାସ୍ତାରେ ହମ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଅନଶନ ଚେତାବନୀ

ନାଉଗାଁ,୧୦।୧୦(ସୁଧା ବେହୁରା)

**କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ**

ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନୋମୁଖିଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅକ୍ଟୋବର୧୮ରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅଭିଭାବକ ଭବାନୀ ଶଙ୍କର ମିଶ୍ରଙ୍କ ଅଭିଯୋଗ ମୁତାବକ କଣ୍ଟୁଣିଆ ନୋଡାଲ ଉଚ୍ଚବିଦ୍ୟାଳୟରେ ୧୨ ଜୁଲାଇ ୨୦୨୩ରେ ପରିଚାଳନା କମିଟି କର୍ମକର୍ତ୍ତା ଚୟନ ପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଉପସଭାପତି ଚୟନ କରାଯିବା ପାଇଁ ଆଲୋଚନା ହୋଇଥିଲା। ୨୦ ଜୁଲାଇ ୨୦୨୩ ରେ ଏନେଇ ଏକ ୧୨ ଜଣିଆ କମିଟି ଗଠନ କରାଯାଇଥିଲା। ୨୩ ଜୁଲାଇ ୨୦୨୩ରେ ପ୍ରଧାନ ଶିକ୍ଷକଙ୍କ ନୋଟିସ ମୁତାବକ ସରକାରଙ୍କ ନିୟମାନୁସାରେ ୨୫ ଜୁଲାଇ୨୦୨୩ରେ ନିର୍ବାଚନ କରାଯାଇ ସଭାପତି ଓ ଉପସଭାପତି ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଜାମୁଗାଁ ସରପଞ୍ଚଙ୍କ ଉପସ୍ଥିତିରେ ନବନିର୍ବାଚିତ ସଭାପତି, ଉପସଭାପତିଙ୍କ ଫଟୋ ଓ ଦସ୍ତଖତ ନିଆଯାଇଥିଲା। କିନ୍ତୁ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଶଙ୍କର ସାହୁ ଉକ୍ତ କମିଟିକୁ ଆପୁଭ କରୁନାହାନ୍ତି। ବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମନଇଚ୍ଛା କରାଯାଉଛି। ଏହାକୁ ନବ ନିର୍ବାଚିତ ସଦସ୍ୟମାନେ ବିରୋଧ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଶଙ୍କର ସାହୁଙ୍କୁ ମୋବାଇଲ ନଂ. ୯୯୩୮୧୩୨୨୯୪ ରେ ଅପରାହ୍ଣ ୪ଟା୦୬ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରି ମନୋରମା ରାଉତଙ୍କୁ ପଚାରିବାରେ ଯେଉଁ କମିଟି ଗଠନ କରାଯାଇଛି ତାହାକୁ ପ୍ରଧାନ ଶିକ୍ଷକ ବେଆଇନଭାବେ କରିଛନ୍ତି।। ଫୋରମ ହୋଇ ନ ଥିବା ବେଳେ ପ୍ରଧାନ ଶିକ୍ଷକ କିପରି ସଭାପତି, ଉପସଭାପତି ଚୟନ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବରୁ ଏସମ୍ପର୍କରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଧାନ କରାଯାଇଛି। ତେଣୁ ଏ ସମ୍ବନ୍ଧରେ ଜିଲା ଶିକ୍ଷାଧିକାରୀ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ରାଉତ ମତବ୍ୟକ୍ତ କରିଛନ୍ତି।

# ଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ



ଅଖିଳ ଭାରତ କୃଷକ ସଭା ଜପା ପଞ୍ଚାୟତ ଶାଖାର ସଦସ୍ୟମାନେ ସମବାୟ ସମ୍ପାଦକ ସୂର୍ଯକାନ୍ତ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଏରସମା,୧୦।୧୦(ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ସେବା ସମବାୟ ସମିତି ସମ୍ମୁଖରେ ଅଖିଳ ଭାରତ କୃଷକ ସଭା ଜପା ପଞ୍ଚାୟତ ଶାଖା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏହି ବିକ୍ଷୋଭରେ ବଂଶୀଧର ବେହେରା, ଦେବଦତ୍ତ ଦାସ,ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଯୋଗଦେଇ ଚାଷୀଙ୍କ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ । ସେଗୁଡିକ ହେଲା, କେନ୍ଦ୍ର ସରକାର ସମବାୟ ଆଇନ ପ୍ରତ୍ୟାହାର କରିବା, ଇନସ୍ୟୁରାନ୍ସ ଅର୍ଥ ଚାଷୀଙ୍କୁ ଫେରସ୍ତ କରିବା, ଋଣ ପାଇଁ ଜମି ବନ୍ଧକ ବନ୍ଦ କରିବା, ଋଣ ଛାଡ଼ କରିବା, ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଓ ସମସ୍ତ ଚାଷୀଙ୍କୁ ଏକ ଲକ୍ଷ ଅର୍ଥ ଋଣ ପ୍ରଦାନ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଅବସରରେ ବିକ୍ଷୋଭକାରୀମାନେ ଏକ ୫ ଦଫା ଦାବି ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମବାୟ ସମ୍ପାଦକ ସୂର୍ଯକାନ୍ତ ଲେଙ୍କାଙ୍କୁ ପ୍ରଦାନ କରିଥିଲେ ।

### ମାନସ ବିକାଶ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ପଟ୍ଟାମୁଣ୍ଡାଇ,୧୦।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ମାନସ ବିକାଶ ମଞ୍ଚ ପକ୍ଷରୁ ଦାଣ୍ଡିସାହି ବ୍ରାହ୍ମଣୀ କଲେଜଠାରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର କର କ୍ଲିନିକ୍ ମୁଖ୍ୟ ଡା ସିଦ୍ଧାର୍ଥ କରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଦୁର୍ଗାଶିଷ ମହାନ୍ତି, ବ୍ରାହ୍ମଣୀ କଲେଜ ଅଧ୍ୟକ୍ଷ ପ୍ରଫେସର ସୁବାସ ଜେନା, ମାନସ ବିକାଶ ମଞ୍ଚ ସଭାପତି ମାନସ ରଞ୍ଜନ ସାମଲ, ମଞ୍ଚର ସମ୍ପାଦକ ସଞ୍ଜୀବ ମଲ୍ଲିକ, ସରୋଜ ବିଶ୍ୱାଳ, ଶିବ ପ୍ରସାଦ ପରିଡା, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ଅଣରା ସରପଞ୍ଚ କଳ୍ପନା ଜେନା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଭେଷଜ, ଶିଶୁ, ମହିଳା ଓ ପ୍ରସୂତି, ଚର୍ମ, ଚକ୍ଷୁ, ଅସ୍ଥି, ଶଲ୍ୟ, ହୃଦ୍ ରୋଗ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ୧୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରିଥିଲେ।

### କୁରୁଜଙ୍ଗା-ଓଲଢ଼ି ପୂର୍ତ୍ତ ବିଭାଗ ରାସ୍ତାରୁ ହଟିଲା ଅବରୋଧ



ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଉଛି।

ଡେରାବିଶ, ୧୦।୧୦(ବେବର୍ତ୍ତା ଅଜୟ ଦାସ)

କୁରୁଜଙ୍ଗା-ଓଲଢ଼ି ପୂର୍ତ୍ତ ବିଭାଗ ରାସ୍ତା ଡେରାବିଶ ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତାକୁ ଓସାରିଆ କରିବା ଓ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଚାଲୁଛି। ମାତ୍ର ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ କେତେକ ସ୍ଥାନରେ ଅବରୋଧ ହୋଇଥିବା ଯୋଗୁ ରାସ୍ତା କାର୍ଯ୍ୟ ଆଗେଇ ପାରୁ ନ ଥିଲା। ଏହି ଅବରୋଧ ଉଚ୍ଛେଦ କରିବା ପାଇଁ ମଙ୍ଗଳବାର ଡେରାବିଶ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୋଲିସ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଡେରାବିଶ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା।

# ଜଗତ୍‌ସିଂହପୁରରେ ସରକାରୀ ଜରାଶ୍ରମ ହେଉ

ଜଗତ୍‌ସିଂହପୁର, ୧୦।୧୦ (ପ୍ରମୋଦ କୁମାର ନାୟକ)

ସାମ୍ପ୍ରତିକ ସମୟରେ ଅନେକଙ୍କ କ୍ଷେତ୍ରରେ ବରିଷ୍ଠ ନାଗରିକମାନେ ଅଲୋଡ଼ା ହୋଇ ପଡ଼ିଛନ୍ତି। ଜୀବନର ଅପରାହ୍ଣରେ ଯେତେବେଳେ ସାହାରାର ଆବଶ୍ୟକତା ଥାଏ ସେତେବେଳେ ସେମାନଙ୍କୁ ଅଲୋଡା କରି ଦିଆଯାଉଛି। ବିଶେଷକରି ସନ୍ତାନମାନେ ଅଣଦେଖା କରିବା ଏପରି କି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଭଳି ଦୃଷ୍ଟାନ୍ତ ବରିଷ୍ଠ ନାଗରିକମାନଙ୍କ ମହଲରେ ଭୟର ବାତାବରଣ ସୃଷ୍ଟି କରୁଛି। ଏ ପରିସ୍ଥିତିରେ ସରକାର ସେମାନଙ୍କ ପାଇଁ ଗମ୍ଭୀରତାର ସହ ଚିନ୍ତା କରିବା ଉଚିତ। ଅନ୍ତତଃ ସରକାରୀ ଜରାଶ୍ରମ ବ୍ୟବସ୍ଥା କରାଗଲେ ଅନେକ ବେସାହାରା ମୁଣ୍ଡ ଗୁଞ୍ଜିବାକୁ ରାହା ପାଇପାରନ୍ତେ। ଏଭଳି ପ୍ରତିକ୍ରିୟା ବରିଷ୍ଠ ନାଗରିକମାନଙ୍କ ମହଲରେ ଶୁଣିବାକୁ ମିଳିଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବରିଷ୍ଠ ନାଗରିକ ନିଜର ନାମ ଗୋପନ ରଖି କହିଛନ୍ତି,ବାସ୍ତବିକ ସେମାନେ ଯେଉଁ ପିଲାମାନଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ ତାହା ସବୁ ପାଣି ଫୋଟକା ପରି ମିଳେଇଯାଇଛି। ପିଲାମାନେ ସେମାନଙ୍କ ଯତ୍ନ ନେବାତ ଦୂରର କଥା ବରଂ ବୋଝ ଭାବି ହତାଦର କରୁଛନ୍ତି। ଏପରି କି ନିର୍ଯାତନା ଦେବାକୁ ପଛାଉନାହାନ୍ତି। ଏ ପରିସ୍ଥିତିରେ ନା ସେମାନେ କିଛି କହିପାରୁଛନ୍ତି ନା କରିପାରୁଛନ୍ତି। କେବଳ ଲୋକଲଜ୍ଜାକୁ ଡରି ମୁହଁ ଲୁଚାଇ କାନ୍ଦିବା ଛଡା ଆଉ କିଛି ବାଟ ନାହିଁ ବୋଲି ସେମାନେ କହିଛନ୍ତି । ତେଣୁ ସରକାରୀ ଜରାଶ୍ରମ ହେଲେ ଅନେକ ବୃଦ୍ଧା, ବୃଦ୍ଧ ଜୀବନର ଶେଷ ସମୟତକ ଯେନତେଣେ ପ୍ରକାରେ କାଟି ଦିଅନ୍ତେ। ଏହି ଜରାଶ୍ରମରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେବା ସହ ପରସ୍ପର ନିଜ ମନର ଦୁଃଖ ବାଣ୍ଟି ହାଲକା ଅନୁଭବ କରିପାରନ୍ତେ। ଏଥିସହ ଆଧାତ୍ମିକ ଚର୍ଚ୍ଚା, ଭଜନ, କୀର୍ତ୍ତନ ଆଦିରେ ମନୋନିବେଶ କରି ଯନ୍ତ୍ରଣା ଲାଘବ ସହ ମନୋରଞ୍ଜନ ଓ ଅନେକ କିଛି ଗଠନମୂଳକ ଆଲୋଚନା କରିପାରନ୍ତେ ବୋଲି କହିଛନ୍ତି। ଏହି ପ୍ରସଙ୍ଗ ଉପରେ ମଧ୍ୟ ଜଗତ୍‌ସିଂହପୁରର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆଲୋଚନା ହେବା ସହ ସରକାରୀ ଜରାଶ୍ରମ ନିର୍ମାଣ ପାଇଁ ଅତୀତରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଗାଁଗୁଡ଼ିକରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ସହ ବୃଦ୍ଧା, ବୃଦ୍ଧଙ୍କ ମନରେ ଯେପରି ନିରାଶ ଭାବ ସୃଷ୍ଟି ନ ହୁଏ ସେ ଦିଗରେ ସରକାର ଦାୟିତ୍ୱବାନ ହେବା ଉଚିତ । ଯୋଗ ଶିବିର ସହ ମନୋରଞ୍ଜନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ବରିଷ୍ଠ ନାଗରିକମାନେ ଜୋର ଦେଇଛନ୍ତି ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲୁକ ଆଇନ୍‌ସେବା କମିଟି ଅଧ୍ୟକ୍ଷ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

କୁଜଙ୍ଗ,୧୦।୧୦(ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନସେବା କମିଟି ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର କୁଜଙ୍ଗ ଗୋଷୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି । କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ପାର୍ଥ ସାରଥି ପଟ୍ଟନାୟକ, ଜୁଡିସିଆଲ ମାଜିଷ୍ଟ୍ରେଟ ବିଶ୍ୱଭୁଷଣ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ପ୍ରସନ୍ନ କୁମାର ପଣ୍ଡା, କୁଜଙ୍ଗ ଓକିଲ ସଂଘ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସଭାପତି ଅମୃତ ଦାସ, ଶୁଶାନ୍ତ ପଟ୍ଟନାୟକ, ନଳିନୀ ରଞ୍ଜନ ଦାସ, ନୃସିଂହ ପ୍ରଧାନ, ଦେବାଶିଷ କଣ୍ଠ, ତାଲୁକ ଆଇନସେବା କମିଟିର ରିଟେନର ଏଏନଡି ଯାଦବ ପ୍ରମୁଖ ଯୋଗଦେଇ ସୁସ୍ଥ ମାନସିକତା ଓ ତାର ମୌଳିକ ଉପାଦେୟତା ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ସ୍ୱୟଂପ୍ରଜ୍ଞା, ଯଜ୍ଞେଶ୍ୱରଙ୍କୁ ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନ



ଅତିଥିମାନେ ସ୍ୱୟଂପ୍ରଜ୍ଞା ଦାଶ ଏବଂ ଯଜ୍ଞେଶ୍ୱର ଦାଶଙ୍କୁ ସମ୍ମାନିତ କରୁଛନ୍ତି।

ବିରିଡ଼ି,୧୦।୧୦(ପ୍ରଶାନ୍ତ କୁମାର ରାଉତ)

ଗତ ମାଟ୍ରିକ୍ ପରୀକ୍ଷାରେ ବିରିଡି ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ପୁରଣ ସରକାରୀ ହାଇସ୍କୁଲର ଛାତ୍ର ଯଜ୍ଞେଶ୍ୱର ଦାଶ ଏବଂ ମା'ରାମଚଣ୍ଡୀ ବିଦ୍ୟାନିକେତନର ଛାତ୍ରୀ ସ୍ୱୟଂପ୍ରଜ୍ଞା ଦାଶଙ୍କୁ ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସେମାନଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିରିଡ଼ି ବ୍ଲକ ଅନ୍ତର୍ଗତ ଅଡ଼ଙ୍ଗଗଡ ଗ୍ରାମର ବରିଷ୍ଠ ପ୍ରଶାସକ ସ୍ୱର୍ଗତ ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନ କମିଟି ପକ୍ଷରୁ ମଙ୍ଗଳବାର ୨୨ମୌଜା ପୁରଣ ହାଇସ୍କୁଲରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମିଟି ସଭାପତି ଲିଙ୍ଗରାଜ ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ରାୟଙ୍କ ପୁତ୍ର ଡ. ଶ୍ରୀମତ ରାୟ, ଜିଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ପ୍ରଧାନଶିକ୍ଷକ ଅଶୋକ କୁମାର ମାଦେଳୀ ଓ କଳିଙ୍ଗ କୁମାର ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ବିରିଡି ବ୍ଲକ ଅଞ୍ଚଳରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ମେଧା ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯାଉଛି ବୋଲି ଡ. ରାୟ ପ୍ରକାଶ କରିଛନ୍ତି।

# ୧୪ ଘଣ୍ଟା ବିଦ୍ୟୁତ୍ ସେବା ବିଚ୍ଛିନ୍ନ: ଯନ୍ତ୍ରୀଙ୍କୁ ଘେରିଲେ ଉପଭୋକ୍ତା

ରଘୁନାଥପୁର,୧୦।୧୦(ରାଜେନ୍ଦ୍ର ନାରାୟଣ ସିଂହ)

**ନୂତନ ଫିଡର ଦାବି**



ଯନ୍ତ୍ରୀଙ୍କ ସହ ଉପଭୋକ୍ତାମାନେ ଆଲୋଚନା କରୁଛନ୍ତି।

ରଘୁନାଥପୁର ନିକଟସ୍ଥ ମହାନଦୀ ଓ ଚିତ୍ରୋତ୍ପଳା ତ୍ରିକୋଣଭୂମି ଅଞ୍ଚଳର ମହମ୍ମଦପୁର ପଞ୍ଚାୟତ ଓ ବ୍ୟବସାୟିକ ପେଣ୍ଠସ୍ଥଳ ବିଲହାଟ ବଜାରରେ ସୋମବାର ରାତି ୯ ଟାରୁ ମଙ୍ଗଳବାର ଦିନ ୧୧ ଟା ପର୍ଯ୍ୟନ୍ତ ପ୍ରାୟ ୧୪ ଘଣ୍ଟା ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଛି। ଏଥିଯୋଗୁ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ ହୋଇଛନ୍ତି। ପ୍ରତିକ୍ରିୟାଶୀଳ ହୋଇ ସେମାନେ ମଙ୍ଗଳବାର ସାଲେପୁର ସବଡିଭିଜନ ତଥା ଓରିକଣ୍ଟା ସେକ୍ସନ ଟିପିସିଓଡିଏଲ୍ ଯନ୍ତ୍ରୀ ରଘୁନାଥ ପ୍ରସାଦ ନାୟକ ଓ ସାଇଟ ଇଞ୍ଜିନିୟର ସାଜନ ମଲ୍ଲଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଘେରାଉ କରି ରଖିଥିଲେ। କର୍ମଚାରୀମାନେ ମରାମତି କାର୍ଯ୍ୟ କରି ବିଦ୍ୟୁତ୍ ସଂଯୋଗ ଦେବା ପରେ ଲୋକେ ୨ ଅଧିକାରୀଙ୍କୁ ଛାଡ଼ିଥିଲେ। ସୂଚନାଯୋଗ୍ୟ, ବିଦ୍ୟୁତ୍ ସରବରାହ ହେଉଥିବା ଷ୍ଟ୍ରକ୍ଚରଠାରୁ ଶେଷଭାଗରେ ରହିଥିବା ଉକ୍ତ ପଞ୍ଚାୟତର ଦୂରତ୍ୱ ୨୫ କି.ମି.। ବିଭିନ୍ନ ବିଲବାଡି ଓ ପାଣିକାଦୁଅ ସ୍ଥାନ ଦେଇ ଷ୍ଟ୍ରକ୍ଚରରୁ ବିଦ୍ୟୁତ୍ ସରବରାହ କରାଯାଇଛି। ଆବଶ୍ୟକ ସମୟରେ ଉକ୍ତ ସ୍ଥାନକୁ ଯାଇ ସଜାଡ଼ିବା ପାଇଁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଛର ପତ୍ର ହଲିଲେ କିମ୍ବା ଆକାଶରେ କଳାହାଣ୍ଡିଆ ମେଘ ଦେଖାଦେଲେ ଲାଇନ କାଟି ଦିଆଯାଉଥିବା ଅଭିଯୋଗ ହେଉଛି। ଉକ୍ତ ୨୫ କି.ମି. ବ୍ୟବଧାନ ମଧ୍ୟରେ ଯେକୌଣସି ସ୍ଥାନରେ ମରାମତି ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଟଡାଉନ ନିଆଗଲେ ମହମ୍ମଦପୁର, ବିଶ୍ୱନାଥପୁର ଓ ବିଲହାଟ ବଜାରର ଉପଭୋକ୍ତାଙ୍କୁ ଅନ୍ଧାରରେ ରହିବାକୁ ପଡୁଛି ବୋଲି ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା ଓ ଶେଖ ଜଲାଲଉଦିନ ଅହମ୍ମଦ ଅଭିଯୋଗ କରିଛନ୍ତି। କେବଳ ଏହି ପଞ୍ଚାୟତ ଓ ବ୍ୟବସାୟିକ ପେଣ୍ଠସ୍ଥଳି ବିଲହାଟ ବଜାରରୁ ୫୦ ପ୍ରତିଶତ ରାଜସ୍ୱ ବିଭାଗ ଆଦାୟ କରୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏଣୁ ଷ୍ଟ୍ରକଚରରୁ ନିକଟସ୍ଥ କେନାଲ ବନ୍ଧ ପାର୍ଶ୍ୱ ଦେଇ ବିଲହାଟ ବଜାର ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଫିଡର ଯୋଗାଇଦେବା ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଅବଦୁଲ ସୋଫିୟାନ, ରଞ୍ଜନ ବେହେରା, ସାବୀର ଅଲ୍ଲି ପ୍ରମୁଖ ଟିପିସିଓଡିଏଲ ବିଭାଗ,କଟକ ଜିଲାପାଳ ଓ ୫-ଟି ସଚିବଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ରାଜକନିକା ବ୍ଲକ ଯାତ୍ରା କମିଟି ଗଠନ

ରାଜକନିକା,୧୦।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ଯାତ୍ରା ମହାସଂଘ ଆନୁକୂଲ୍ୟରେ ରାଜକନିକା ସାର୍ବଜନୀନ ଦୁର୍ଗା ପୂଜା କମିଟି ମା'କନିକେଶ୍ୱରୀ ଦୁର୍ଗାଙ୍କ ପୀଠ ପରିସରରେ ଥିବା ସଭାଗୃହରେ ବ୍ଲକ ଯାତ୍ରା କମିଟି ଗଠନ କରାଯାଇଛି। ଅନୁଷ୍ଠିତ ବୈଠକରେ ଜିଲା ମହାସଂଘ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଜ୍ଞାନ ବଲ୍ଲଭ ମହାନ୍ତି, ଜିଲା ମହାସଂଘ ସଭାପତି ମିହିର ସାମଲ, ଜିଲା ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ଉପସଭାପତି ମହେଶ୍ୱର ସେଠୀ, ସହସମ୍ପାଦକ ନୀହାରକାନ୍ତ ରାଉତ ଓ କୋଷାଧ୍ୟକ୍ଷ ଗଣେଶ୍ୱର ପଟ୍ଟନାୟକଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତିକ୍ରମେ ରାଜକନିକା ଅଞ୍ଚଳର ବିଭିନ୍ନ ଯାତ୍ରାନୁଷ୍ଠାନକୁ ନେଇ ବ୍ଲକ ଯାତ୍ରା କମିଟି ଗଠନ କରାଯାଇଛି। ସଭାପତି ଭାବେ ତ୍ରିଲୋଚନ ବିଶ୍ୱାଳ, ଉପସଭାପତି ଗୋବର୍ଦ୍ଧନ ବେହେରା, ସମ୍ପାଦକ ଶରତ ଚନ୍ଦ୍ର ଦଳେଇ, ସହସମ୍ପାଦକ ସଞ୍ଜୟ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ବିରଜା ନନ୍ଦନ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବାସ ଚନ୍ଦ୍ର ମଲ୍ଲିକ, ନିରଞ୍ଜନ ପଣ୍ଡା, ପ୍ରକାଶ କୁମାର ରାଉତ, ଜିଲା କମିଟି ସଦସ୍ୟ ଭାବେ ସଞ୍ଜୟ କୁମାର ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି ଓ ବିରଜା ପ୍ରସନ୍ନ ପତିଙ୍କୁ ମନୋନୀତ କରାଯାଇଛି।

### ନିଆଁ ଲାଗି ୩ ବଖରା ଜଳିଗଲା

ଆଳି,୧୦।୧୦(ବନମାଳୀ ସେନାପତି)

ଆଳି ଥାନା କଳମଡ଼ା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡରେ ୩ ବଖରା ଜଳିଯାଇଛି। ଅପରାହ୍ଣରେ ଗାଁର ପ୍ରଦୀପ ମଲିକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏଥିରେ ପ୍ରଦୀପଙ୍କ ୩ ବଖରା ସମ୍ପୂର୍ଣ୍ଣ ଭାବେ ପୋଡି ଛାରଖାର ହୋଇଯାଇଛି। ଘରେ ଥିବା ଆସବାବପତ୍ର ସହ ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ଚାହୁଁ ଚାହୁଁ ଜଳି ପୋଡି ପାଉଁଶ ହୋଇଯାଇଛି। ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ ସମ୍ମୁଖରେ ନିର୍ବାଚିତ ପ୍ରତିନିଧିଙ୍କ ଆମରଣ ଅନଶନ

- କୋଇଲିପୁର ପଞ୍ଚାୟତରେ କାମ ନ କରି ୮ଟି ପ୍ରକଳ୍ପର ଫଲ୍ସ ବିଲ ଘଟଣା
- କଂଗ୍ରେସ, ଭାଜପା ମେଣ୍ଟରେ ଫାଟ, ଅଧାରୁ ଉଠିଗଲା ଅନଶନ

ରାଜନଗର, ୧୦।୧୦ (ଭାସ୍କର ରାଉତରାୟ)



ବ୍ଲକ କାର୍ଯ୍ୟାଳୟ ଆଗରେ ନିର୍ବାଚିତ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି।

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତରେ ଏମଜିଏନ୍ଆର୍ଇଜିଏସ୍, ସାଂସଦ ପାଣ୍ଠି ଓ ଷ୍ଟେଟ ଫାଇନାନ୍ସ କମିଶନ ଯୋଜନାରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଭାଜପା ଓ କଂଗ୍ରେସ ସମର୍ଥିତ କୋଇଲିପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। କୌଣସି କାମ ନ କରି ଫଲ୍ସ ବିଲ କରି ୧୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନିଆଯାଇଛି। ସେପ୍ଟେମ୍ବର ୨୬ରେ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ କି ତଦନ୍ତ ଏପର୍ଯ୍ୟନ୍ତ କରିନାହିଁ। ଏହି ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆମରଣ ଅନଶନ ଜାରି ରହିବ ବୋଲି ବିଡିଓଙ୍କୁ ଅନଶନରତ ପ୍ରତିନିଧିମାନେ ଶୁଣାଇ ଦେଇଥିଲେ। ମାତ୍ର ୪ଟା ବେଳେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଅନଶନକାରୀଙ୍କ ସହ କଥା ହୋଇ ବୁଧବାର ଦୁର୍ନୀତିର ତଦନ୍ତ ହେବ ବୋଲି କହିବା ପରେ ଉଭୟ ଦଳର ପ୍ରତିନିଧିଙ୍କ ମଧ୍ୟରେ ବଚସା ଓ ତିକ୍ତତା ପରେ ଆମରଣ ଅନଶନ ଅଧାରୁ ଫସର ଫାଟି ଯାଇଛି। ଭାଜପା ସମର୍ଥିତ ସରପଞ୍ଚ ଦିଲୀପ କୁମାର ରାଉତ ଓ ସରପଞ୍ଚଙ୍କ ସମର୍ଥିତ ୱାର୍ଡସଭ୍ୟ ସାବିତ୍ରୀ ସାହୁ, ଗୋବିନ୍ଦ ପରିଡା, ଝରଣା ମଳିକ, ପ୍ରମିଳା ସେଠୀ, ପର୍ଶୁରାମ ସ୍ୱାଇଁ ପ୍ରମୁଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ଆମରଣ ଅନଶନରେ ବସିବୁ ବୋଲି କହିଥିଲେ। ମାତ୍ର କଂଗ୍ରେସ ସମର୍ଥିତ ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ନାଏବ ସରପଞ୍ଚ କବିତା ଜେନା, ୱାର୍ଡସଭ୍ୟା କଲ୍ୟାଣୀ ସିଂ, ପ୍ରତିମା ଦାସ ତହସିଲଦାର କହୁଛନ୍ତି, ତଦନ୍ତ ହେବ ଉଠିଯିବୁ ବୋଲି କହିଥିଲେ। ଅନଶନ ସ୍ଥଳରେ ବ୍ଲକ କଂଗ୍ରେସ ସଭାପତିଙ୍କୁ ଦେଖିବାକୁ ମିଳିଥିଲା। ଉଭୟ ଦଳର ପ୍ରତିନିଧିଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତକୁ ନେଇ ଭିନ୍ନ ମତ ପ୍ରକାଶ ପାଇବା ଓ ଉଭୟଙ୍କ ମଧ୍ୟରେ ବଚସା ଯୋଗୁ ଅଧାରୁ ଆମରଣ ଅନଶନ ଫସର ଫାଟିବା ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ରାଜନଗର ବ୍ଲକ କୋଲଇପୁର ପଞ୍ଚାୟତରେ ଆଖିବୁଜା ଦୁର୍ନୀତି ହୋଇଛି। ଯେଉଁଠି ହାତ ମାରିଲେ ସେଠି ଦୁର୍ନୀତିର ଗନ୍ଧ ବାହାରୁଛି। ଏହି ପଞ୍ଚାୟତର ବଡପଲ୍ଲୀ ଗାଁର ପ୍ରାଥମିକ ବିଦ୍ୟାଳୟଠାରୁ ସବ୍ଷ୍ଟେସନ ସ୍କୋୟାର ରାସ୍ତା ନିର୍ମାଣ ନାଁରେ ୮ ଥରରେ ୧୬ ଲକ୍ଷ ଟଙ୍କା ବିଲ ହୋଇଛି। ମାତ୍ର ଅଢେଇ ଶହ ମିଟର ସ୍କୁଲ ରାସ୍ତା, ଯେଉଁ ରାସ୍ତାଟିରେ ଏବେ ସାଇକେଲ ଗଡିବା ଅବସ୍ଥାରେ ନାହିଁ, ସେ ରାସ୍ତା ନାଁରେ ଡିସେମ୍ବର ୨୦୨୨ରେ ଷ୍ଟେଟ ଫାଇନାନ୍ସ ଯୋଜନାରେ ୧ ଲକ୍ଷ ୯୧ ହଜାର ୫୦୬ ଟଙ୍କା, ମାର୍ଚ୍ଚ ୨୦୨୩ରେ ସାଂସଦ ପାଣ୍ଠିରୁ ୪ ଲକ୍ଷ ୮୦ ହଜାର ୬୩୨ ଟଙ୍କା ଓ ଏମ୍ଜିଏନ୍ଆର୍ଇଜିଏସ୍‌ରେ ୨ପାର୍ଶ୍ୱରେ ମାଟି ଫିଲିଂ କାମ ୩୦ ମଇ ୨୦୨୩ରେ ଆରମ୍ଭ ହୋଇ ୧୨ ଜୁନ ୨୦୨୩ ଯାଏ ହୋଇଥିବା ଦର୍ଶାଇ ୪୫୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୬୫୦ ଟଙ୍କା ଉଠାଇ ନିଆଯାଇଛି। ମାତ୍ର ୨ବର୍ଷ ଭିତରେ ସେ ରାସ୍ତାରେ ଟଙ୍କାଟାର କାମ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହ ଏମ୍ଜିଏନ୍ଆର୍ଜିଏସ୍‌ରେ କାଙ୍କଦିଆ ଗାଁର ଶେଷମୁଣ୍ଡଠାରୁ ସାଲାଇନ ଏମ୍ବାକମେଣ୍ଟ ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ କାମ ପାଇଁ ୧ ଲକ୍ଷ ୫ ହଜାର ୬ ଟଙ୍କା, ବରୁଣିପଲ୍ଲୀ ଗାଁର ଗୋଜବାୟାଣୀ ପୀଠଠାରୁ ଶ୍ରୀଧର ବେଜ ଘର ଯାଏଁ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ ଦର୍ଶାଇ ୧ ଲକ୍ଷ ୬ ହଜାର ୫୬୦ ଟଙ୍କା, ବଡପଲ୍ଲୀସ୍ଥିତ ଚଞ୍ଚଳା ଷ୍ଟାଡିୟମର ସାଇଡରେ ମାଟି ଫିଲିଂ ଦର୍ଶାଇ ୧ ଲକ୍ଷ ୯୬ ହଜାର ୪୭୦ ଟଙ୍କା, ତେତେଲେଙ୍ଗା ଗାଁର ପ୍ରଫୁଲ୍ଲ ଦାସ ଘରଠାରୁ ଶ୍ମଶାନ ଘର ଯାଏଁ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଫିଲିଂ ନାଁରେ ୧ ଲକ୍ଷ ୮ ହଜାର ୭୨ ଟଙ୍କା, ବଡପଲ୍ଲୀ ହରଗୌରୀ ମାର୍କେଟ ନିକଟ ଏସ୍ଡବ୍ଲୁପିସି ନିକଟରେ ମାଟି ଫିଲିଙ୍ଗ ନାଁରେ ୩ ଲକ୍ଷ ୬୪ ହଜାର ୪୧୪ ଟଙ୍କା ଆଦୌ କାମ ନ କରି ବିଲ୍ କରି ଉଠାଇ ନିଆଯାଇଛି।

# ଗ୍ୟାସ ଯୋଗାଇବା ନାଁରେ ଠକେଇ

## ଜଣେ ଗିରଫ, ୬ ସିଲିଣ୍ଡର ଜବତ

ଚଣ୍ଡିଖୋଲ,୧୦।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):


ଗିରଫ ଅଭିଯୁକ୍ତ ଓ ଜବତ ଗ୍ୟାସ୍ ସିଲିଣ୍ଡର।

ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଈପୁର ପଞ୍ଚାୟତ ଦାମୋଦରପୁର ଗ୍ରାମରେ ମାତ୍ର ୧୦୦ ଟଙ୍କାରେ ଗୋଟିଏ ସିଲିଣ୍ଡର ଗ୍ୟାସ ଭର୍ତ୍ତି କରି ଦିଆଯିବ କହି ଠକେଇ କରି ୩ ଖାଲି ସିଲିଣ୍ଡର ଓ ୩୦୦ ଟଙ୍କା ଠକି ନେଇଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୬ ଖାଲି ସିଲିଣ୍ଡର ଓ ଏକ ମୋଟର ସାଇକେଲ ଜବତ କରିଛି। ଗିରଫ ବ୍ୟକ୍ତି ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ଗ୍ରାମର ବସନ୍ତ କୁମାର ସାହୁ।

ପୋଲିସ ସୂଚନା ଅନୁଯାୟୀ, ୮ ତାରିଖରେ ବସନ୍ତ ଦାମୋଦରପୁର ଗ୍ରାମକୁ ଯାଇ ଅଜୟ ମଲ୍ଲିକଙ୍କ ସ୍ତ୍ରୀ ପାର୍ବତୀ ମଲ୍ଲିକଙ୍କୁ ଉଜ୍ଜ୍ୱଳା ଗ୍ୟାସ ଯୋଗାଇ ଦେବା ପାଇଁ କହିଥିଲେ। ତେଣୁ ତାଙ୍କ ନିକଟରୁ ୩ ଖାଲି ସିଲିଣ୍ଡର ଓ ୩୦୦ ଟଙ୍କା ଆଣିଥିଲେ। ବଡ଼ଗାଡ଼ିରେ ଗ୍ୟାସ ଟାଙ୍କି ଅଛି ଓ ଗାଡ଼ି ଗ୍ରାମ ପ୍ରଥମ ମୁଣ୍ଡରେ ଅଛି କହି ଖାଲି ଟାଙ୍କି ଧରି ଆସିଥିଲେ। ହେଲେ ଆଉ ଯାଇ ନ ଥିଲେ। ପାର୍ବତୀ ଅପେକ୍ଷା କରି ନିରାଶ ହେବାପରେ ଥାନାରେ ସନ୍ଧ୍ୟାରେ ଅଭିଯୋଗ କରିଥିଲେ। ୯ ତାରିଖ ସୋମବାର ବଡ଼ଚଣା ପଞ୍ଚାୟତ ଦଳେଇ ସାହିର ସଂଯୁକ୍ତା ଦଳେଇଙ୍କୁ ମଧ ଅଭିଯୁକ୍ତ ସମାନ କଥା କହି ୩ ଟାଙ୍କି ଓ ୩୦୦ ଟଙ୍କା ଆଣି ଫେରାର ହୋଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ.୨୯୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଧର୍ମଶାଳା ଅଞ୍ଚଳରେ ମଧ ଏଭଳି ମହିଳାଙ୍କୁ ଠକିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ଜେନାପୁର ଅଞ୍ଚଳ କଲେଜ ସ୍ଥିତି ସମୀକ୍ଷା କଲେ ବିଧାୟକ


ବିଧାୟକ ଓ ଅନ୍ୟମାନେ ଜେନାପୁର କଲେଜ ପରିଦର୍ଶନ କରୁଛନ୍ତି।

ଜେନାପୁର,୧୦।୧୦(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଅଞ୍ଚଳରେ ଥିବା ଜେନାପୁର କଲେଜ, କନ୍ତପଡ଼ା ମୁକୁନ୍ଦ ପାତ୍ର କଲେଜ ଓ ଚଢ଼େଇଧରା ଜଗନ୍ନାଥ ଜୀଉ କଲେଜ ୫-ଟିରେ ରୂପାନ୍ତରଣ ପାଇଁ ସାମିଲ ହୋଇଛି। ଏସବୁର ଉନ୍ନତିକରଣ କାର୍ଯ୍ୟହେବାକୁ ଥିବାବେଳେ ମଙ୍ଗଳବାର ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କଲେଜଗୁଡ଼କ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ସେ କଲେଜରେ ସମସ୍ୟା ବିଷୟରେ ଅବଗତ ହେବାସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧାଅସୁବିଧା ପଚାରି ବୁଝିଛନ୍ତି। ରୂପାନ୍ତରଣ କାର୍ଯ୍ୟପାଇଁ ଆସିଥିବା ଅନୁଦାନ ଶୀଘ୍ର କିପରି ସୁଚାରୁ ରୁପେ କରାଯିବ ସେ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସମୟରେ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଜେଡି କର୍ମୀ ଉପସ୍ଥିତ ଥିଲେ। କଲେଜଗୁଡ଼ିକ ୫-ଟିରେ ସାମିଲ ହୋଇଥିବାରୁ ଅଧକ୍ଷ ରବୀନ୍ଦ୍ର କୁମାର ଦଶଙ୍କ ସମେତ ଅଧାପିକାଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିସ୍ଫୋରଣ ଘଟଣାରେ ଆଉ ଜଣଙ୍କର ମୃତ୍ୟୁ

ପାଣିକୋଇଲି,୧୦।୧୦(ବିକାଶ ମଲ୍ଲିକ): କୋରେଇ ବ୍ଲକ ବଡ଼ବିରୁହାଁ ପଞ୍ଚାୟତର ପ୍ରଧାନସାହିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ବୋହୂ ମଧୁସ୍ମିତାଙ୍କ ମୃତ୍ୟୁ ହୋଇଥିବାବେଳେ ମଙ୍ଗଳବାର ଶାଶୁ ଆରତୀ(୬୪)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି।

୨ ତାରିଖରେ ଗ୍ରାମର କମଳାକାନ୍ତ ସ୍ୱାଇଁଙ୍କ ଘରକୁ ସ୍ଥାନୀୟ ଏକ କମ୍ପାନୀର ଗାଡ଼ି ସିଲିଣ୍ଡର ଦେବାକୁ ଆସିଥିଲା। ସିଲିଣ୍ଡରର ବୈଷୟିକ ତ୍ରୁଟି ଯୋଗୁ ତାହାର ସିଲ ଖୋଲି ରେଗୁଲେଟର ଲଗାଇବାବେଳେ ସେଥିରୁ ଗ୍ୟାସ ନିର୍ଗତ ହୋଇଥିଲା। ଉକ୍ତ ସମୟରେ ଘରେ ରନ୍ଧନ କାର୍ଯ୍ୟ ଚାଲୁ ରହିଥିବାରୁ ଗ୍ୟାସର ପ୍ରଭାବରେ ଘର ସାରା ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯିବା ସହିତ ରୋଷେଇ ଘରେ ଥିବା କମଳାକାନ୍ତଙ୍କ ମାଆ ଆରତୀ, ସ୍ତ୍ରୀ ମଧୁସ୍ମିତା(୩୫) ପୋଡ଼ି ହୋଇଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି କମଳାକାନ୍ତଙ୍କ ସମେତ ପଡ଼ୋଶୀ ଶରତ ମହାପାତ୍ର(୫୬), ବିଦ୍ୟାଧର ସାହୁ (୩୮), ଦୟାନିଧି ପଣ୍ଡା(୪୦) ଉଭୟ ଶାଶୁ ଓ ବୋହୂଙ୍କୁ ବଞ୍ଚାଇବାକୁ ଯାଇ ନିଆଁରେ ପୋଡ଼ି ହୋଇ ଆହତ ହୋଇଥିଲେ। ବାହାରେ ଖେଳୁଥିବା ବିଦ୍ୟାଧରଙ୍କ ପୁଅ ପାର୍ଥ(୬) ଘର ଭିତରକୁ ଦୌଡ଼ି ଆସିବାରୁ ସେ ମଧ୍ୟ ପୋଡ଼ି ହୋଇ ଯାଇଥିଲେ। ଗ୍ରାମବାସୀ ସମସ୍ତ ଆହତଙ୍କୁ ଉଦ୍ଧାର କରି ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମଧୁସ୍ମିତାଙ୍କ ଶରୀରର ୮୦ ଶତକଡ଼ା ପୋଡ଼ି ହୋଇଯାଇଥିବାରୁ ୫ ତାରିଖରେ ତାଙ୍କର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଆରତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ସମୟରେ ବାଟରେ ମୃତ୍ୟୁ ହୋଇଥିଲା।

# ସାଇବର ସୁରକ୍ଷା ସଚେତନତା



ଜେନାପୁର କଲେଜରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଜେନାପୁର,୧୦।୧୦(ଅଶୋକ ଦାସ):

ଜେନାପୁର ଥାନା ପକ୍ଷରୁ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ସାଇବର ସେଲର ସଂଯୋଜକ ଏସ୍ଆଇ ପ୍ରିୟଦର୍ଶନ ସେଠୀ, ଏସ୍ଆଇ ସୌମ୍ୟରଞ୍ଜନ ଭୋଳ ଯୋଗଦେଇ କବାଟବନ୍ଧ ଓ ଜେନାପୁର ଅଞ୍ଚଳରେ ଥିବା ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ସାଇବର ଠକଙ୍କ କବଳରୁ କିପରି ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷା ଦେଇ ପାରିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପରେ ନୃତ୍ୟ,ଗୀତ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଥିଲା। ଏସ୍ଆଇ ବାସୁଦେବ ପରିଡ଼ା, ଏଏସ୍ଆଇ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ସରୋଜକାନ୍ତ ବେହେରା, ଅଶୋକ କୁମାର ସାହୁ ଓ ଦିଲୀପ କୁମାର ବରାଳଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏବଂ କଲେଜର ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ଖଇରା,୧୦।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଇଟାମୁଣ୍ଡି ଗ୍ରାମର ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଝାମ୍ପିନେଇଛନ୍ତି। ଏନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଇରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ ଶିକ୍ଷୟିତ୍ରୀ ଜଣକ ସ୍କୁଟିରେ କେନ୍ଦୁଝର ଜିଲା କାହାଳିଗଡିଆ ଗ୍ରାମ ସ୍କୁଲକୁ ଯାଉଥିବା ବେଳେ ତାଳକୁରୁଆ କେନାଲ ଛକରେ କିଛି ଦୁର୍ବୃତ୍ତ ଗାଡି ଅଟକାଇ ବେକରୁ ସୁନାଚେନ ଝାମ୍ପିନେଇ ପଳାଇଥିଲେ। କେନାଲ ଛକରେ ବାରମ୍ବାର ଏଭଳି ଲୁଟ୍ ଘଟଣା ଘଟୁଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବାକୁ ଦାବି ହୋଇଛି।

# ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ

ପ୍ରୀତିପୁର,୧୦।୧୦(ସୁଶାନ୍ତ ବେହୁରିଆ):

ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତ ମଲ୍ଲିପୁର ଗ୍ରାମରେ ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ବିଞ୍ଝାରପୁର ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାବା ମଲିକେଶ୍ୱର ଶୈବ ପୀଠରୁ ଅମିୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବାହାରି ଥିବା ଶୋଭାଯାତ୍ରାରେ ଶତାଧିକ କର୍ମୀ, ଛାତ୍ର, ଯୁବକ ଓ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଜଗନ୍ନାଥପୁର ଭଗବତୀ ମନ୍ଦିରରେ ଉଦ୍ଯାପିତ ହୋଇଥିଲା। ଭାରତ ମାତା କି ଜୟ, ବନ୍ଦେ ମାତରମ ଧ୍ୱନୀରେ ଉକ୍ତ ଗ୍ରାମ ପ୍ରକମ୍ପିତ ହୋଇଥିଲା। ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମାରକୀ ଦିଲ୍ଲୀରେ ନିର୍ମାଣ ପାଇଁ ଶୈବ ପୀଠ ତଥା ଶକ୍ତି କ୍ଷେତ୍ରରୁ ମାଟି ସଂଗ୍ରହ କରି ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମଲ୍ଲିପୁର ଗ୍ରାମର ବିଭିନ୍ନ ସାହିରେ ମହିଳା ହୁଳହୁଳି ଦେଇ, ବନ୍ଦାପନା କରି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହିତ ନିଜ ଭିଟାମାଟିରୁ ମାଟି ପ୍ରଦାନ କରଥିଲେ। ପ୍ରଦୀପ ନାୟକ, ମାୟାଧର ସାମଲ, ସୁଶାନ୍ତ କୁମାର ପୁହାଣ,ବିଶ୍ୱଜିତ ସାମଲ, ଶିବପ୍ରସାଦ ପଣ୍ଡା, ଅରୁନଜିତ ରାଉତରାୟ, ଭୁବନାନନ୍ଦ ସାମଲ, ସନ୍ତୋଷ ଧଳ, ସଞ୍ଜୀବ କୁମାର ସାହୁ, ଅଜୟ କୁମାର ରାଉତ, ସୁଶାନ୍ତ ସାମଲ, ସଞ୍ଜୟ ରାଉତ, ପଙ୍କଜ ସାମଲ, ଗଣେଶ ପୁହାଣ, ଦୈତାରି ମଳିକ, ନିରାକାର ଦାସ, ଗୋକୁଳାନନ୍ଦ ଯେନା, ଚଗୁଲୁ ମଳିକ, ଶ୍ରୀକାନ୍ତ ମଳିକ, ନିରାକାର ମଲ୍ଲିକ ଓ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତା ଓ ଅନ୍ୟମାନେ।

# ଜରିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

ସିଂହପୁର,୧୦।୧୦(ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ବ୍ଲକ୍ ଅଧୀନ ଜରି ପଞ୍ଚାୟତରେ ପଞ୍ଚାୟତ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଜରି ପଞ୍ଚାୟତ ଅଫିସ ସମ୍ମୁଖରୁ ବାହାରି ଗାନ୍ଧୀ ଛକ, ଫାଣ୍ଡି ଛକ, ପାକୁଆ ସାହି ଛକ, ହନୁମାନ ଛକ ଓ ହରିଚନ୍ଦନ ସାହି ବାଙ୍କର ବିଭିନ୍ନ ଗ୍ରାମକୁ ଯାଇଥିଲା। କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପଦଯାତ୍ରାରେ ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ନିର୍ବାଚନମଣ୍ଡଳୀ ସଭାପତି ମୁରଲୀ ଧର ଦାସ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସୁନିତା ନାୟକ, ସରପଞ୍ଚ ନନ୍ଦକିଶୋର ମଳିକ, ପଞ୍ଚାୟତ ବିଜେଡି ସଭାପତି ଉମାକାନ୍ତ ଦାସ, ଜିଲା ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ପ୍ରମୋଦ ସାମଲ, ସମିତିସଭ୍ୟା ଅନୁସୟା ମଳିକ, ନାଏବ ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ସାମଲ, ସନ୍ଧ୍ୟାରାଣୀ ପାତ୍ର, ମନୋଜ ସାମଲ, ସୁବ୍ରତ ସାମଲ, ଅମର ମଳିକ, ପ୍ରସନ୍ନ ନାୟକ, କୁଳମଣି ମଳିକ, ରଥ ସାମଲ, ମୁନା ମଳିକ, ରମାକାନ୍ତ ମଳିକ, ହରେକୃଷ୍ଣ ଜେନା, ଅକ୍ଷୟ ନାୟକ, ଅଶୋକ ପାତ୍ର, ପ୍ରତାପ ଜେନା ଓ ଅରୁଣ ଧଳ ପ୍ରମୁଖ ସାମିଲ ହୋଇଥିଲେ।

## ମେଧାବୃତ୍ତି ପରୀକ୍ଷା : ୭ ଅନୁପସ୍ଥିତ

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକର ବିଭିନ୍ନ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ବିଭିନ୍ନ ବିଦ୍ୟାଳୟର ୧୧୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ଲାଗି ରହିଥିଲା ବେଳେ ୧୦୪ଜଣ ପରୀକ୍ଷାରେ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା।



**ସଂକ୍ଷେପରେ**

### ଛୁଟିଲିଷ୍ଟରୁ ମହାଳୟା ବାଦ, ଶିକ୍ଷକ ମହଲରେ ଅସନ୍ତୋଷ

ପୁରୁଷୋତ୍ତମପୁର,୧୦।୧୦(ସିମାଞ୍ଚଳ ମିଶ୍ର): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗରେ ଏକ ବିଚିତ୍ର ନିତି ଦେଖିବାକୁ ମିଳିଛି। ଯାହାକି ଓଡିଆ ପଞ୍ଜିକାର ଆଶ୍ୱିନ ମାସର ମହାଳୟାକୁ ପିତୃ ପୁରୁଷଙ୍କୁ ପିଣ୍ଡଦାନ ସହ ଶ୍ରାଦ୍ଧ ଦେବାଲାଗି କେଉଁ ଆବାହନ କାଳରୁ ରହି ଆସିଛି। ଏହି ପ୍ରକାରେ ଆସନ୍ତା ୧୪ ତାରିଖରେ ମହାଳୟା ଅମାବାସ୍ୟା ରହଛି। ଏହି ଦିନ ଦ୍ୱିତିୟ ଶନିବାର ହେତୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିଥିବା ବେଳେ ଛୁଟି ରହୁନଥିବା ଅନ୍ୟ କିଛି ବିଭାଗ ନିଜ କର୍ମଚାରୀମାନଙ୍କୁ ପିତୃପୁରୁଷଙ୍କ ଶ୍ରାଦ୍ଧ ଲାଗି ଛୁଟି ଘୋଷଣା କରିଛନ୍ତି। ପୂର୍ବ ବର୍ଷ ମାନଙ୍କରେ ଗଣଶିକ୍ଷା ବିଭାଗରେ ମଧ ମହାଳୟା ଛୁଟି ରହୁଥିଲା। ମାତ୍ର ଚଳିତ ବର୍ଷ ଗଣଶିକ୍ଷା ବିଭାଗର ଛୁଟି ଲିଷ୍ଟରେ ମହାଳୟା ବାଦ ପଡ଼ିଛି। ଡାଇରେକ୍ଟ ଅଫ ଏଲିମେଣ୍ଟାରି ଏଜୁକେସନ ପକ୍ଷରୁ ଗତ ୨୩।୧୨।୨୦୨୨ରେ ଅର୍ଡର ନଂ ୨୪୩୬୪, ଡାଇରେକ୍ଟ ଅଫ ସେକେଣ୍ଡାରୀ ଏଜୁକେସନ ପକ୍ଷରୁ ଗତ ୨୨।୧୨।୨୦୨୨ରେ ଅର୍ଡର ନଂ ୩୧୭୬୧ ଓ ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ୨୯।୧୨।୨୦୨୨ରେ ଚିଠି ନଂ ୮୫୬୪ରେ ପ୍ରକାଶିତ ୨୦୨୩ ମସିହାର ଛୁଟିଲିଷ୍ଟରେ ମହାଳୟାକୁ ବାଦ ଦିଆଯାଇଛି। ଫଳରେ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

### ୧୬ ନିଶାସକ୍ତ ଗାଡ଼ିଚାଳକ ଗିରଫ

ଛତ୍ରପୁର,୧୦।୧୦(ସନ୍ତୋଷ ପାଢୀ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରପଗଡ ଜାରି ରହିଛି । ସୋମବାର ରାତିରେ ଏହି ପୋଲିସ ଜିଲା ଅଧୀନ ଶେରଗଡ, ଆସିକା, ଭଞ୍ଜନଗର, ଗାଙ୍ଗପୁର, ଛତ୍ରପୁର, ଚମାଖଣ୍ଡି ଓ ହିଞ୍ଜିଳି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ ଚାଲିଥିବା ବେଳେ ମଦ୍ୟପାନ କରି ଗାଡି ଚଲାଉଥିବା ୧୬ ଜଣ ଚାଳକ ଧରାପଡିଥିଲେ । ସେମାନଙ୍କୁ ଗିରଫ କରାଯିବା ସହ ଗାଡିଗୁଡ଼ିକୁ ପୋଲିସ ଜବତ କରିଥିବା ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଝରକା ତାଡ଼ି ଘରୁ ଗହଣା, ଟଙ୍କା ଚୋରି

ଛତ୍ରପୁର,୧୦।୧୦
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ସହରରେ ସୋମବାର ବିଳମ୍ବିତ ରାତିରେ ଏକ ବଡ ଧରଣର ଚୋରି ହୋଇଛି । ତୁଳସୀ ନଗର ଚତୁର୍ଥ ଲେନ୍ ନିବାସୀ କିଶୋର ଚନ୍ଦ୍ର ଗୌଡଙ୍କ ଝରକା ତାଡ଼ି ଦୁର୍ବୃତ୍ତମାନେ ଘରେ ପଶି ସୁନା, ରୁପା ଗହଣା ଓ ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଚୋରାଇ ନେଇଛନ୍ତି। ଘରେ ପରିବାର ଲୋକେ ଶୋଇଥିଲେ ମଧ୍ୟ ଚୋରି ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ମଙ୍ଗଳବାର ସକାଳେ କିଶୋର ଘରୁ ଚୋରି ହୋଇଥିବା ଜାଣିବା ପରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଦୁର୍ବୃତ୍ତମାନେ ଘରୁ ୨୫ ଭରି ସୁନା, ୪୦ ଭରି ରୁପା ଅଳଙ୍କାର, ୨୫ ହଜାର ଟଙ୍କା, ଆଧାର କାର୍ଡ, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରାଇ ନେଇଥିବା ଏତଲାରେ ଦର୍ଶାଇଛନ୍ତି। ଛତ୍ରପୁର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ କରିଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ରାୟଗଡ଼(ଗଜପତି)୧୦।୧୦: ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ଏସ୍ ପାପା ରାଓ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ରାମପ୍ରସାଦ ପାଇକ, ଏସଆଇ ଜୋସ୍ନା ରୟ, ସ୍ୱପ୍ନାରାଣୀ ବେହେରା, ସିଆରସିସି ଲକ୍ଷ୍ମଣ ରାଓ, ନରେଶ ପ୍ରଧାନ, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

### ତୁମୁଡିବନ୍ଧରେ ଆକାଂକ୍ଷାଭିମୁଖୀ କାର୍ଯ୍ୟକ୍ରମ

ତୁମୁଡିବନ୍ଧ,୧୦।୧୦(ଦୀପକ କୁମାର ପରାସେଠ): ତୁମୁଡିବନ୍ଧ ବ୍ଲକ ସଭାଗୃହରେ ସୋମବାର ଆକାଂକ୍ଷାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମଣ ଚରଣ ସୋରେନ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଏମପି ପ୍ରତିନିଧି ପ୍ରମୋଦ କୁମାର ସାହୁ, ବିଧାୟକ ପ୍ରତିନିଧି କୁନା ଦଣ୍ଡସେନା ଉପସ୍ଥିତ ଥିଲେ। ତହସିଲଦାର ବନବିହାରି ହରପଲ ଉପସ୍ଥିତ ଥିଲେ। ତୁମୁଡିବନ୍ଧ ଓ ଫିରିଙ୍ଗିଆ ବ୍ଲକ ପଛୁଆ ଚିହ୍ନଟ ହୋଇଥିବାରୁ ସମସ୍ତ ବିଭାଗ ମିଳିମିଶି କାମକରିବା ବୋଲି ବିଧାୟକ କହଁର କହିଛନ୍ତି।

# ଜୁଆଖେଳରୁ ୧୪୬ ଗିରଫ ହେଲେଣି

ଛତ୍ରପୁର,୧୦।୧୦(ସନ୍ତୋଷ ପାଢୀ)

ପାର୍ବଣରେ ଗଞ୍ଜାମ ଜିଲାରେ ଜୁଆ ଖେଳର ଆସର ଜମିଥାଏ । ଏହାକୁ ପ୍ରତିହତ କରିବା ପାଇଁ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି । ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଖେଳ ଉପରେ ଚଢାଉ ଜାରି ରହିଛି । ଗତ ଏକ ମାସ ୧୦ଦିନ ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧିନ ବିଭିନ୍ନ ଥାନା ପକ୍ଷରୁ ଚଢାଉ କରି ୨୭ଟି ଜୁଆଖେଳ ନେଇ ମାମଲା ରୁଜୁ କରାଯାଇ ୧୪୬ଜଣଙ୍କୁ ଗିରଫ କରାଯାଇଛି । ଜୁଆ ଆଡ୍ଡାଗୁଡିକରୁ



ଜବତ ଟଙ୍କା ।

୩୭ଟି ଗାଡି ସହ ୬ଲକ୍ଷ ୧୧ ହଜାର ୪୧୦ ଟଙ୍କା ଜବତ ହୋଇଥିବା ଗଞ୍ଜାମ ପୋଲିସ ମୁଖ୍ୟାଳୟରୁ ମଙ୍ଗଳବାର ସୂଚନା ମିଳିଛି । ଗତ ୧ତାରିଖରୁ ୯ ତାରିଖ ମଧ୍ୟରେ ୯ଟି ଜୁଆଆଡ୍ଡାରେ ଚଢାଉ ହୋଇଛି । ଉକ୍ତ ମାମଲା ଗୁଡିକରେ ୪୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୪ଟି ଗାଡି, ୧ ଲକ୍ଷ ୬୬ ହଜାର ୧୩୦ ଟଙ୍କା ଜବତ ହୋଇଛି । ସୋମବାର ରାତିରେ ହିଞ୍ଜିଳି ଥାନା ପୋଲିସ ଜୁଆ ଆଡ୍ଡାରୁ ୫ ଜଣଙ୍କୁ ଗିରଫ କରିବା ସହ ୭,୬୦୦ ଟଙ୍କା ଜବତ କରଛି। ସେହିପରି ବୁଗୁଡା ଥାନା ପୋଲିସ ୭ ଜଣଙ୍କୁ ଗିରଫ କରିବା ସହ ୫ ,୨୨୦ ଟଙ୍କା ଏବଂ କବିସୂର୍ଯ୍ୟନଗର ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିବା ସହ ୨୨,୩୪୦ ଟଙ୍କା ଜବତ କରିଛି । ପାର୍ବଣରେ ଏପରି ଚଢାଉ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

## ଷ୍ଟାର୍ଟଅପ୍ ଯାତ୍ରାରେ ଭାଗନେଲେ ୧୨୧ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ।

ଫୁଲବାଣୀ, ୧୦।୧୦(ରାକେଶ କୁମାର ରାଉତ)

ଜିଲାସ୍ତରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା ଓ ଷ୍ଟାର୍ଟଅପ ଏକ୍ସପ୍ରେସ। ମଙ୍ଗଳବାର ଏହା କନ୍ଧମାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛି। ପ୍ରମିଳା ଦେବୀ ଡିଗ୍ରୀ କଲେଜରେ ୭ଟି ନୂଆ ଆଇଡିଆ ସଂଗ୍ରହ କରାଯାଇଥିଲା। ମୋଟ ୧୨୧ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ୨୦୨୩ର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ନବସୃଜନକାରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟମିତାର ଭାବ ଜାଗ୍ରତ କରିବା। ଯାତ୍ରାର ୨୦୨୩ ସଂସ୍କରଣରେ ଚାରିଟି ଭ୍ୟାନ୍ ସମସ୍ତ ୩୦ଟି ଜିଲା ପରିଦର୍ଶନ କରିବ । ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କ ୫୦୦୦ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଚଳିତବର୍ଷ ଏହି ଷ୍ଟାର୍ଟଅପ ଯାତ୍ରା ୨୦୦ରୁ ଅଧିକ କଲେଜ ଏବଂ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି । କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଅଭୂତପୂର୍ବ ପ୍ରତିକ୍ରିୟା ହାସଲ କରୁଛି ।

## ବିଦ୍ୟାଳୟସ୍ତରୀୟ ଫୁଟବଲରେ ଫୁଲବାଣୀ ଚାମ୍ପିୟନ

ଫୁଲବାଣୀ,୧୦।୧୦(ରାକେଶ କୁମାର ରାଉତ)

ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଫୁଲବାଣୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଫୁଲବାଣୀ ଟିମ୍ ୫-୦ ଗୋଲରେ ବିପକ୍ଷ ଖଜୁରୀପଡା ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଫୁଲବାଣୀ ବିଇଓ ରଞ୍ଜନ କୁମାର କହଁର, ଜିଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ପୂର୍ବତନ ଶାରୀରିକ ଶିକ୍ଷାଧିକାରୀ ସଞ୍ଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଶିବିରକୁ ଜିଲା



ଚାମ୍ପିୟନଦଳ ସହ ଅନ୍ୟମାନେ।

ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ୧୨ ବ୍ଲକର ୧୨୦ ଫୁଟବଲ ଖେଳାଳୀ ଏଥିରେ ଭାଗ ନେଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଶ୍ୟାମସୁନ୍ଦର ସାହା, ସୁଶୀଳ କହଁର, ସୁଧାଂଶୁ ବେହେରା, ଦୀପକ କୋଠ ଦଳେଇ, ପ୍ରଶାନ୍ତ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ସେହିପରି ଏହି ଅବସରରେ କ୍ରିକେଟ ଖେଳାଳୀ ଚୟନ ହୋଇଥିଲା। ୫୦ ଜଣ ଖେଳାଳୀ ଏଥିରେ ଚୟନ ହୋଇଥିଲେ। ରାକେଶ କୁମାର ବିଶୋଇ ଏବଂ ଗଙ୍ଗାଧର ପାତ୍ର କ୍ରିକେଟ ଖେଳ ପରିଚାଳନା କରିଥିଲେ।

## ସୀତାପାହାଡ଼ରେ ବୁଦ୍ଧିଜୀବୀ

ପାରଳାଖେମୁଣ୍ଡି, ୧୦।୧୦ (ଗିରିଧାରୀ ପରିଛା): ଗୋଷାଣି ବ୍ଲକ ଗାରବନ୍ଧରେ ଥିବା ପବିତ୍ର ସୀତା ପାହାଡର ବିକାଶ ଜରୁରୀ ବୋଲି ବୁଦ୍ଧିଜିବୀମାନେ ମତପୋଷଣ କରିଛନ୍ତି । ମଙ୍ଗଳବାର ଏହି ସୀତା ପାହାଡକୁ ପାରଳାଖେମୁଣ୍ଡି ସହରର କେତେକ ବରିଷ୍ଠ ନାଗରିକ ଓ ବୁଦ୍ଧିଜିବୀ ପରିଦର୍ଶନରେ ଯାଇଥିଲେ। ଆଜି ପର୍ଯ୍ୟନ୍ତ ଏହା ଏକ ଦର୍ଶନୀୟ ସ୍ଥାନ ହୋଇପାରିନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବିଗତ ୨୦୧୭ ମସିହାରୁ ଗାରବନ୍ଧ ଗ୍ରାମର ଅବସରପ୍ରାପ୍ତ ସେନାଧିକାରୀ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସୀତାପାହାଡ ଉନ୍ନୟନ କମିଟି ଗଠନ କରାଯାଇ ପାହାଡ ଉପରେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ବିଶ୍ରାମ ସ୍ଥଳ ଆଦି ଯୋଜନା କରିଛନ୍ତି। ତେବେ ଗତ କିଛି ମାସ ପୂର୍ବେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ୨୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ରାମ ମନ୍ଦିର ପାଇଁ ମଞ୍ଜୁରୀ ମିଳିସାରିଛି। ତା'ର କାମ ଆଗେଇ ଚାଲିଛି କିନ୍ତୁ ଭଲ ରାସ୍ତାଟିଏ ନାହିଁ। ଏଥିଲାଗି ୩/୪ଟି ପଞ୍ଚାୟତର ସରପଞ୍ଚ, ଗୋଷାଣି ବ୍ଲକ ପ୍ରଶାସନ ଚାହିଁଲେ ରାମଚନ୍ଦ୍ରପୁର ଦେଇ ପକ୍କା ରାସ୍ତାଟିଏ ହୋଇପାରିବ ବୋଲି ମତ ଦେଇଛନ୍ତି। ଆଜି ସୀତାପାହାଡ ପରିଦର୍ଶନରେ ଯାଇଥିବା ବୁଦ୍ଧିଜିବୀମାନେ ହେଲେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ ପ୍ରମୁଖ।

## ମୋ ମାଟି ମୋ ଦେଶ ପାଇଁ ଶୋଭାଯାତ୍ରା

କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ)୧୦।୧୦

କବିସୂର୍ଯ୍ୟନଗରରେ ମଙ୍ଗଳବାର ଭାଜପା ପକ୍ଷରୁ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ପ୍ରତାପ ନାୟକଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଧନେଇ ନଦୀ ଠାରୁ ବାହାରି କବିସୂର୍ଯ୍ୟନଗର ସହର ପରିକ୍ରମା କରିବା ସହିତ ଗୌଡ଼ ଡିପ ପର୍ଯ୍ୟନ୍ତ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶତାଧିକ ମହିଳା କର୍ମକର୍ତ୍ତା ଯୋଗଦେଇ କଳସରେ ମାଟି ସଂଗ୍ରହ କରିଥିଲେ। ସଂଗୃହୀତ ମାଟି ଦିଲ୍ଲୀରେ ସ୍ଥାପନା ହେବାକୁ ଥିବା ଅମୃତବାଟିକାର ଏକ ଅଂଶ ହେବ ବୋଲି କହିଛନ୍ତି ଭାଜପା ନେତା ପ୍ରତାପ ନାୟକ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ତଥା ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ଶ୍ୱେତ ଦୋରା, ବିନାୟକ ତ୍ରିପାଠୀ, ନୀଳମାଧବ ପାତ୍ର, ଶ୍ରୀକାନ୍ତ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ସନ୍ତୋଷ ତିଆଡ଼ି, ଅଯୋଧ୍ୟା ମହାପାତ୍ର, ରତନ ବିଷୋୟୀ, ଚନ୍ଦନ ନାୟକ, ସୁଶାନ୍ତ ବେହେରା, ନାରାୟଣ ଡାକୁଆ, କୃଷ୍ଣ ବିଷୋୟୀ, ନବ ବିଶ୍ୱାଳ, ରାଜୀବ ବେହେରା ଶିବରାମ ପଣ୍ଡା, ଗୌର ଶଙ୍କର ତ୍ରିପାଠୀ, ଅଜୟ ପାତ୍ର, ମୁରଳୀ ପାଣିଗ୍ରାହୀଙ୍କ ସମେତ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୁଖ୍ୟ ବିଚାରପତିଙ୍କୁ ଭେଟିଲେ ବାର୍ ଆସୋସିଏସନ କର୍ମକର୍ତ୍ତା

ଭଞ୍ଜନଗର, ୧୦।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଦଳ ମଙ୍ଗଳବାର ଓଡିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ହାଇକୋର୍ଟରେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ସେମାନେ ଗଞ୍ଜାମ ଜିଲ୍ଲା ପ୍ରୋଟୋକଲ ଜଜ୍ ଦେବବ୍ରତ ଦାଶ ଏବଂ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ସମୟରେ ଭଞ୍ଜନଗର ବାର ଆସୋସିଏସନ ଉପସଭାପତି ରଜତ ଦାସ, ପୂର୍ବତନ ସଭାପତି ସନ୍ତୋଷ ନାୟକ, ସରକାରୀ ଓକିଲ ଦିବାକର ନାୟକ, ବିଶନାଥ ପଟ୍ଟନାୟକ, ସତ୍ୟଜିତ ମିଶ୍ର, ବଳରାମ ମହାପାତ୍ର, ବିପିନ ବିହାରୀ ସାହୁ, ଜ୍ୟୋତି ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୨୦୦୦ରୁ ଆଜି ସୁଦ୍ଧା ଜବତ ହୋଇଥିବା ୧୬୫ କେଜି ହାତୀ ଦାନ୍ତ ଟ୍ରେଜେରିରେ ରଖାଯାଇଛି।

## ଜିଲାପାଳଙ୍କ ଖଲ୍ଲିକୋଟ ମେଡିକାଲ ଗସ୍ତ

ଖଲ୍ଲିକୋଟ,୧୦।୧୦
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପହଞ୍ଚି ୫-ଟି ଯୋଜନାରେ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। କାର୍ଯ୍ୟଗୁଡ଼ିକୁ ଶୀଘ୍ର ସାରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଖଲ୍ଲିକୋଟ ମେଡ଼ିକାଲ ଅଧିକାରୀ ପ୍ରଦୀପ ଗନ୍ତାୟତ, ପିଡବ୍ଲୁଡି ଜେଇ ସମେତ ବିଭିନ୍ନ ବିଭାଗୀୟ ଜେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମହୋତ୍ସବରେ ଯୋଗଦେଲେ ବିଧାୟିକା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ,୧୦।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଲଙ୍ଗଳେଶ୍ୱର ସରକାରୀ ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ସମ୍ମାନୀତ ଅତିଥି ରୂପେ ଲଙ୍ଗଳେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ସମିତିସଭ୍ୟ ପଦ୍ମ ଚରଣ ଦଳେଇ, ୧୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିନାୟକ ଜାଲି, ଏସ୍‌ଏମ୍‌ସି ସଭାପତି ବିନାୟକ ବେହେରା, ଆର୍‌ସିବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରୋଦ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବୀ ଓ ମୁଖ୍ୟବକ୍ତା ଭାବେ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିତଞ୍ଜଳୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କେଶପୁର କ୍ଲଷ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆର୍‌ସିସି ନିଳାଞ୍ଚଳ ମିଶ୍ର ପରିଚାଳନା କରିଥିବା ବେଳେ ବ୍ଲକର ୧୬ଟି କ୍ଲଷ୍ଟରରେ ଏହି ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଶେରଗଡ, ୧୦।୯(ସୂର୍ଯ୍ୟନାରାୟଣ ଦାଶ)/ରାଇକିଆ (ପ୍ରଦୀପ ବେହେରା):

ଶେରଗଡ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ବ୍ରାହ୍ମଣଛାଇ ପଞ୍ଚାୟତରୁ ଆରମ୍ଭ ହୋଇ ଠୁରୁବୁରାଇ ପଞ୍ଚାୟତରେ ଶେଷ ହୋଇଛି। ଏଣୁ ୫୮ ନଂ ଜୋନର ଶତାଧିକ ନେତା, କର୍ମୀ, ଏକତ୍ରୀତ ହୋଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ବଡଦାଣ୍ଡରେ ଏକ ପଥପ୍ରାନ୍ତ ସଭା କରିଥିଲେ। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ପ୍ରମୋଦ କୁମାର ପାତ୍ର ଯୋଗଦେଇଥିଲେ। ପରେ ଏହି ଯାତ୍ରା ନରେନ୍ଦ୍ର ପୁର, ଗୋବିନ୍ଦପୁର, ପୁନାଦ, ଗୋଠଗାଁ, ଖାସପା ହୋଇ ଠୁରୁବୁରାଇରେ ପହଞ୍ଚିଥିଲା। ଉକ୍ତ ଜନସମ୍ପର୍କ ପଦଯାତ୍ରାରେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରୁଣ ପଲେଇ, ଦିଗାମ୍ବର ନାୟକ ରଞ୍ଜନ ସେଠୀ, ସରୋଜ କୁମାର ପାତ୍ର, ମାଧବାନନ୍ଦ ପଣ୍ଡା, ମେଘନାଦ ଦାସ, କୃଷ୍ଣଚନ୍ଦ୍ର ସୁଆଁସିଆ, ସିମାଞ୍ଚଳ ପ୍ରଧାନଙ୍କ ସମେତ ବହୁ ନେତା କର୍ମୀ ମାନେ ଯୋଗଦେଇଥିଲେ।

ରାଇକିଆ ବ୍ଲକ ବିଜେଡି ତରଫରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବେରେଢ଼ାକିଆ ପଞ୍ଚାୟତରୁ ଆରମ୍ଭ ହୋଇ ରାଇକିଆ ସହର ଏବଂ ମଣ୍ଡାକିଆ ପଞ୍ଚାୟତର ବୁଢ଼ାମାହା ଓ ବାକିଙ୍ଗିଆ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ ଏକ ସଭାରେ ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ଜିଲା ଉପସଭାପତି ହୃଷୀକେଶ ପାଢ଼ୀ, ଜିଲା ସମ୍ପାଦକ ବିଜୟ ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ବିଷ୍ଣୁ ମଲିକ, ପୂର୍ବତନ ବ୍ଲକ ସଭାପତି ପ୍ରଦିପ ପ୍ରଧାନ, ବ୍ଲକ ମହିଳା ସଭାନେତ୍ରୀ ଶୀତଲ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ରୋସନ ନାୟକ, ଏସ୍‌ଡିସି ସଦସ୍ୟ ଭୂଷଣ ପ୍ରଧାନ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ରାଜମୋହନ ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ବୈଠକ

ବୁଗୁଡ଼ା,୧୦।୧୦(କାଳିଚରଣ ଦାଶ):

ବୁଗୁଡା ପିପୁଲ୍ସ ହାଇସ୍କୁଲ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୨୮ଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ଲକସ୍ତରୀୟ ବୈଠକରେ ବିଇଓ ଚିନ୍ମୟ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ସିମାଞ୍ଚଳ ସେଠୀ, ସାଧନ କର୍ମୀ ଭାବେ ସିଆରସିସି ରାଜେଶ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ହେବାକୁ ଥିବା ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ ଓ କ୍ରୀଡ଼ାଙ୍ଗନା ଆଦି ୪ଟି କ୍ଲବର ଗଠନ ଏବଂ ଆଭିମୁଖ୍ୟ ସମ୍ପର୍କରେ ପ୍ରଶାନ୍ତ କୁମାର ଗୌଡ, ରଶ୍ମି ରଞ୍ଜନ ଦଳେଇ, ଜିତେନ୍ଦ୍ର ଗୌଡ ଓ ବିଶ୍ୱେଶ୍ୱର ଗିରି ପ୍ରମୁଖ ଆଲୋକପାତ କରିଥିଲେ। ହାଇସ୍କୁଲଗୁଡିକର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସାଙ୍ଗକୁ ଶୈକ୍ଷିକ କ୍ଷେତ୍ରରେ ଉନ୍ନତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ଜିଆର୍‌ଏସ୍ ହତ୍ୟାକାଣ୍ଡରେ ଜଡ଼ିତ ମହିଳାଙ୍କୁ ଗିରଫ ଦାବି



ବେଗୁନିଆପଡା ଥାନା ସମ୍ମୁଖରେ ମହିଳାମାନେ ।

କୋଦଳା,୧୦।୧୦(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ଥାନା ଅନ୍ତର୍ଗତ କନିଆରିବାଡି ଗ୍ରାମର ଜିଆରଏସ ସୁଶୀଲ କୁମାର ମହାନ୍ତିଙ୍କୁ ଗତ ୩ତାରିଖରେ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ସାହୁଙ୍କୁ ପୋଲିସ ଗିରଫ କରିଥିଲା। ଏହି ହତ୍ୟା କାଣ୍ଡ ପ୍ରେମ ଜନିତ ହୋଇଥିବା ପୋଲିସ ସୂଚନା ଦେଇଥିଲା। କନିଆରିବାଡି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଅଭିଯୁକ୍ତ ଏବଂ ଜିଆରଏସ୍ ସୁଶୀଲ ପ୍ରେମ କରୁଥିଲେ। ଏ ନେଇ ମଙ୍ଗଳବାର ଉକ୍ତ ମହିଳାଙ୍କୁ ଗିରଫ ଦାବିରେ ବେଗୁନିଆପଡା ଥାନାରେ ଶତାଧିକ ମହିଳା ଏବଂ ପୁରୁଷ ପହଞ୍ଚି ହୋହାଲ୍ଲା କରିଥିଲେ। ଉକ୍ତ ମହିଳା ସୁଶୀଲଙ୍କ ହତ୍ୟାର ଯୋଜନା କରିବା ସହ ଘଟଣା ଦିନ ଜିଆରଏସଙ୍କ ପାଖରେ ଥିବା ୩୫ହଜାର ଟଙ୍କାକୁ ହଡ଼ପ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଉକ୍ତ ମହିଳାଙ୍କୁ ତୁରନ୍ତ ଗିରଫ ପାଇଁ ବେଗୁନିଆପଡା ଥାନା ଅଧିକାରୀ ମଞ୍ଜରୀ ନାୟକଙ୍କୁ ଭେଟି ଦାବି କରିଥିଲେ। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଅକ୍ଟୋବର, ୨୦୨୩



**କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଲୋକନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅଧୀନରେ ଥିବା ୧୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ୧୭ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସିଆରସିସି ଅମର କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ବିଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ସସ୍ମିତା ସ୍ୱାଇଁ, ନାଏବ ସରପଞ୍ଚ ନମିତା ପାତ୍ର, ପରିଚାଳନା କମିଟିର ସଭାପତି ବାନାମ୍ବର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ରାଜକନିକା ବ୍ଲକ ଯାତ୍ରା କମିଟି ଗଠନ

ରାଜକନିକା,୧୦।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ଯାତ୍ରା ମହାସଂଘ ଆନୁକୂଲ୍ୟରେ ରାଜକନିକା ସାର୍ବଜନୀନ ଦୁର୍ଗା ପୂଜା କମିଟି ମା'କନିକେଶ୍ୱରୀ ଦୁର୍ଗାଙ୍କ ପୀଠ ପରିସରରେ ଥିବା ସଭାଗୃହରେ ବ୍ଲକ ଯାତ୍ରା କମିଟି ଗଠନ କରାଯାଇଛି। ଅନୁଷ୍ଠିତ ବୈଠକରେ ଜିଲା ମହାସଂଘ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଜ୍ଞାନ ବଲ୍ଲଭ ମହାନ୍ତି, ଜିଲା ମହାସଂଘ ସଭାପତି ମିହିର ସାମଲ, ଜିଲା ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ଉପସଭାପତି ମହେଶ୍ୱର ସେଠୀ, ସହସମ୍ପାଦକ ନୀହାରକାନ୍ତ ରାଉତ ଓ କୋଷାଧ୍ୟକ୍ଷ ଗଣେଶ୍ୱର ପଟ୍ଟନାୟକଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତିକ୍ରମେ ରାଜକନିକା ଅଞ୍ଚଳର ବିଭିନ୍ନ ଯାତ୍ରାନୁଷ୍ଠାନକୁ ନେଇ ବ୍ଲକ ଯାତ୍ରା କମିଟି ଗଠନ କରାଯାଇଛି। ସଭାପତି ଭାବେ ତ୍ରିଲୋଚନ ବିଶ୍ୱାଳ, ଉପସଭାପତି ଗୋବର୍ଦ୍ଧନ ବେହେରା, ସମ୍ପାଦକ ଶରତ ଚନ୍ଦ୍ର ଦଳେଇ, ସହସମ୍ପାଦକ ସଞ୍ଜୟ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ବିରଜା ନନ୍ଦନ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବାସ ଚନ୍ଦ୍ର ମଲ୍ଲିକ, ନିରଞ୍ଜନ ପଣ୍ଡା, ପ୍ରକାଶ କୁମାର ରାଉତ, ଜିଲା କମିଟି ସଦସ୍ୟ ଭାବେ ସଞ୍ଜୟ କୁମାର ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି ଓ ବିରଜା ପ୍ରସନ୍ନ ପତିଙ୍କୁ ମନୋନୀତ କରାଯାଇଛି।

### ନିଆଁ ଲାଗି ୩ ବଖରା ଜଳିଗଲା

ଆଳି,୧୦।୧୦(ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ କଳମଡ଼ା ଗାଁରେ ମଙ୍ଗଳବାର ନିଆଁ ଲାଗି ୩ ବଖରା ଜଳିଯାଇଛି। ଅପରାହ୍ନରେ ଗାଁର ପ୍ରଦୀପ ମଲ୍ଲିକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଘରେ ଥିବା ଆସବାବପତ୍ର ସହ ଧନସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମିଶନଶକ୍ତି ବ୍ଲକ ଫେଡେରେଶନ ସଭାନେତ୍ରୀ ଭାବେ ମଞ୍ଜୁଲତା ନିର୍ବାଚିତ

ଡେରାବିଶ, ୧୦।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମିଶନଶକ୍ତିର ବ୍ଲକ ଫେଡ଼େରେଶନ ପଦବୀଟି ଖାଲି ପଡ଼ିଥିଲା। ମଙ୍ଗଳବାର ଏହି ପଦବୀ ନିର୍ବାଚନରେ କାର୍ଯ୍ୟକାରୀ କମିଟିସଦସ୍ୟା ମଞ୍ଜୁଲତା ମଲିକ ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ଫେଡ଼େରେଶନର ସମ୍ପାଦିକା ମନୋରମା ରାଉତ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ସଭାନେତ୍ରୀ ପଦ ପାଇଁ କାର୍ଯ୍ୟକାରୀ କମିଟିର ସଦସ୍ୟା ନମିତା ସାହୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତରେ ଥିବା ପଞ୍ଚାୟତ ଫେଡ଼େରେଶନର ସଭାନେତ୍ରୀ, ସମ୍ପାଦିକାଙ୍କୁ ମିଶାଇ ସମୁଦାୟ ୫୩ଜଣ ମତ ସାବ୍ୟସ୍ତ କରିଥିଲେ। ନିର୍ବାଚନରେ ମଞ୍ଜୁଲତା ୨୮ଖଣ୍ଡ, ନମିତା ୨୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ଏଥିରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରଶ୍ମି ଦେବୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କାର୍ଯ୍ୟ ଚାଲିଥିଲା। ନିର୍ବାଚନରେ ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ, ଡିପିସିଙ୍କ ପ୍ରତିନିଧି ସୁଧାଂଶୁ ଶେଖର ସାହୁ, ବିପିସି ରାଜଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଶେଖର ଭଦ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ବ୍ଲକ ସମ୍ମୁଖରେ ନିର୍ବାଚିତ ପ୍ରତିନିଧିଙ୍କ ଆମରଣ ଅନଶନ

■ କୋଇଲିପୁର ପଞ୍ଚାୟତରେ କାମ ନ କରି ୮ଟି ପ୍ରକଳ୍ପର ଫଲ୍ସ ବିଲ ଘଟଣା

■ କଂଗ୍ରେସ, ଭାଜପା ମେଣ୍ଟରେ ଫାଟ, ଅଧାରୁ ଉଠିଗଲା ଅନଶନ



କୋଇଲିପୁର ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧିମାନେ ଫଲ୍ସ ବିଲକୁ ନେଇ ଆମରଣ ଅନଶନରେ ବସିଛନ୍ତି।

ରାଜନଗର, ୧୦।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତରେ ଏମଜିଏନ୍‌ଆର୍‌ଇଜିଏସ୍, ସାଂସଦ ପାଣ୍ଠି ଓ ଷ୍ଟେଟ ଫାଇନାନ୍ସ କମିଶନ ଯୋଜନାରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଭାଜପା ଓ କଂଗ୍ରେସ ସମର୍ଥିତ କୋଇଲିପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। କୌଣସି କାମ ନ କରି ଫ୍ଲସ ବିଲ କରି ୧୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନିଆଯାଇଛି। ସେପ୍ଟେମ୍ବର ୨୬ରେ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ କି ତଦନ୍ତ ଏପର୍ଯ୍ୟନ୍ତ କରିନାହିଁ। ଏହି ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆମରଣ ଅନଶନ ଜାରି ରହିବ ବୋଲି ବିଡିଓଙ୍କୁ ଅନଶନରତ ପ୍ରତିନିଧିମାନେ ଶୁଣାଇ ଦେଇଥିଲେ। ମାତ୍ର ୪ଟା ବେଳେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଅନଶନକାରୀଙ୍କ ସହ କଥା ହୋଇ ବୁଧବାର ଦୁର୍ନୀତିର ତଦନ୍ତ ହେବ ବୋଲି କହିବା ପରେ ଉଭୟ ଦଳର ପ୍ରତିନିଧିଙ୍କ ମଧ୍ୟରେ ବଚସା ଓ ତିକ୍ତତା ପରେ ଆମରଣ ଅନଶନ ଅଧାରୁ ଫସର ଫାଟି ଯାଇଛି। ଭାଜପା ସମର୍ଥିତ ସରପଞ୍ଚ ଦିଲୀପ କୁମାର ରାଉତ ଓ ସରପଞ୍ଚଙ୍କ ସମର୍ଥିତ ୱାର୍ଡସଭ୍ୟ ସାବିତ୍ରୀ ସାହୁ, ଗୋବିନ୍ଦ ପରିଡା, ଝରଣା ମଲ୍ଲିକ, ପ୍ରମିଳା ସେଠୀ, ପର୍ଶୁରାମ ସ୍ୱାଇଁ ପ୍ରମୁଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ଆମରଣ ଅନଶନରେ ବସିବୁ ବୋଲି କହିଥିଲେ। ମାତ୍ର କଂଗ୍ରେସ ସମର୍ଥିତ ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ନାଏବ ସରପଞ୍ଚ କବିତା ଜେନା, ୱାର୍ଡସଭ୍ୟା କଲ୍ୟାଣୀ ସିଂ, ପ୍ରତିମା ଦାସ ତହସିଲଦାର କହୁଛନ୍ତି, ତଦନ୍ତ ହେବ ଉଠିଯିବୁ ବୋଲି କହିଥିଲେ। ଅନଶନ ସ୍ଥଳରେ ବ୍ଲକ କଂଗ୍ରେସ ସଭାପତିଙ୍କୁ ଦେଖିବାକୁ ମିଳିଥିଲା। ଉଭୟ ଦଳର ପ୍ରତିନିଧିଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତକୁ ନେଇ ଭିନ୍ନ ମତ ପ୍ରକାଶ ପାଇବା ଓ ଉଭୟଙ୍କ ମଧ୍ୟରେ ବଚସା ଯୋଗୁ ଅଧାରୁ ଆମରଣ ଅନଶନ ଫସର ଫାଟିବା ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତରେ ଆଖିବୁଜା ଦୁର୍ନୀତି ହୋଇଛି। ଯେଉଁଠି ହାତ ମାରିଲେ ସେଠି ଦୁର୍ନୀତିର ଗନ୍ଧ ବାହାରୁଛି। ଏହି ପଞ୍ଚାୟତର ବଡପଲ୍ଲୀ ଗାଁର ପ୍ରାଥମିକ ବିଦ୍ୟାଳୟଠାରୁ ସବ୍‌ଷ୍ଟେସନ ସ୍କୋୟାର ରାସ୍ତା ନିର୍ମାଣ ନାଁରେ ୮ ଥରରେ ୧୬ ଲକ୍ଷ ଟଙ୍କା ବିଲ ହୋଇଛି। ମାତ୍ର ଅଢେଇ ଶହ ମିଟର ସ୍କୁଲ ରାସ୍ତା, ଯେଉଁ ରାସ୍ତାଟିରେ ଏବେ ସାଇକେଲ ଗଡିବା ଅବସ୍ଥାରେ ନାହିଁ, ସେ ରାସ୍ତା ନାଁରେ ଡିସେମ୍ବର ୨୦୨୨ରେ ଷ୍ଟେଟ ଫାଇନାନ୍ସ ଯୋଜନାରେ ୧ ଲକ୍ଷ ୯୧ ହଜାର ୫୦୬ ଟଙ୍କା, ମାର୍ଚ୍ଚ ୨୦୨୩ରେ ସାଂସଦ ପାଣ୍ଠିରୁ ୪ ଲକ୍ଷ ୮୦ ହଜାର ୬୩୨ ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ପାର୍ଶ୍ୱରେ ମାଟି ଫିଲିଂ କାମ ୩୦ ମଇ ୨୦୨୩ରେ ଆରମ୍ଭ ହୋଇ ୧୨ ଜୁନ ୨୦୨୩ ଯାଏ ହୋଇଥିବା ଦର୍ଶାଇ ୪୫୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୬୫୦ ଟଙ୍କା ଉଠାଇ ନିଆଯାଇଛି। ମାତ୍ର ୨ବର୍ଷ ଭିତରେ ସେ ରାସ୍ତାରେ ଟଙ୍କାଟାର କାମ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ କାଙ୍କଡିଆ ଗାଁର ଶେଷମୁଣ୍ଡଠାରୁ ସାଲାଇନ ଏମ୍ବାକମେଣ୍ଟ ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ କାମ ପାଇଁ ୧ ଲକ୍ଷ ୫ ହଜାର ୬ ଟଙ୍କା, ବରୁଣିପଲ୍ଲୀ ଗାଁର ଗୋଜବାୟାଣୀ ପୀଠଠାରୁ ଶ୍ରୀଧର ବେଜ ଘର ଯାଏଁ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ ଦର୍ଶାଇ ୧ ଲକ୍ଷ ୬ ହଜାର ୫୬୦ ଟଙ୍କା, ବଡପଲ୍ଲୀସ୍ଥିତ ଚଞ୍ଚଳା ଷ୍ଟାଡିୟମର ସାଇଡରେ ମାଟି ଫିଲିଂ ଦର୍ଶାଇ ୧ ଲକ୍ଷ ୯୬ ହଜାର ୪୭୦ ଟଙ୍କା, ତେତେଲେଙ୍ଗା ଗାଁର ପ୍ରଫୁଲ୍ଲ ଦାସ ଘରଠାରୁ ଶ୍ମଶାନ ଘର ଯାଏଁ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଫିଲିଂ ନାଁରେ ୧ ଲକ୍ଷ ୮ ହଜାର ୭୨ ଟଙ୍କା, ବଡପଲ୍ଲୀ ହରଗୌରୀ ମାର୍କେଟ ନିକଟ ଏସ୍‌ଓକ୍ୟୁପିସି ନିକଟରେ ମାଟି ଫିଲିଂ ନାଁରେ ୩ ଲକ୍ଷ ୬୪ ହଜାର ୪୧୪ ଟଙ୍କା ଆଦୌ କାମ ନ କରି ବିଲ୍ କରି ଉଠାଇ ନିଆଯାଇଛି।

# ସୁରଭି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୧୦।୧୦ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା, ରାଜ୍ୟ ପୁରସ୍କୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶିକ୍ଷାବିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଓ ଏମ୍‌ଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଶିଶୁ ମହୋତ୍ସବ ସୁରଭି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଓ ସାଧାରଣଜ୍ଞାନ ପ୍ରତିଯୋଗିତାର ବିଚାରକ ଭାବେ ସିଆରସିସି ମଳୟ ଜେନା, ତ୍ରିଲୋଚନ ସ୍ୱାଇଁ, ପ୍ରଦୀପ ତରାଇ, ଉମାକାନ୍ତ ବେହେରା, ଗୋଦାବରୀଶ ମିଶ୍ର ଯୋଗଦେଇ କୃତୀ ପ୍ରତିଭା ଚୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆଇନଜୀବୀ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଗୋଲକ ବିହାରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ବନ୍ତାରପୁର କ୍ଲଷ୍ଟରର ୧୫ଟି ସ୍କୁଲର ୧୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୟନ୍ତ ନାୟକ, ସଞ୍ଜୟ ତ୍ରିପାଠୀ, ଗୋମତୀ ସ୍ୱାଇଁ ରାଜଶ୍ରୀ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

### ଜାତୀୟ ନୃତ୍ୟ ମହୋତ୍ସବରେ କ୍ଷୀରାବ୍ଧିତନୟାଙ୍କ କୃତିତ୍ୱ



କ୍ଷୀରାବ୍ଧିତନୟାଙ୍କୁ ପୁରସ୍କୃତ କରାଯାଉଛି।

କେନ୍ଦ୍ରାପଡ଼ା, ୧୦।୧୦(ଜଗନ୍ନାଥ ଧଳ)

ମଧ୍ୟପ୍ରଦେଶ ରାଜ୍ୟ ଗ୍ୱାଲିୟରଠାରେ ଅନୁଷ୍ଠିତ ଜାତୀୟ ନୃତ୍ୟ ମହୋତ୍ସବ ସୃଜନରେ କେନ୍ଦ୍ରାପଡ଼ା ସହରର ରୟାଲ ଡ୍ୟାନ୍ସ ଏକା ଡମୀର କଳାକାରମାନେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗତ ଶନି ଓ ରବିବାର ଦୁଇଦିନ ଧରି କଥକ ବିଦ୍ୟା ମନ୍ଦିର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନକରପୁରସ୍ଥିତ ବରିଷ୍ଠ ଖବରଦାତା ରାଜେଶ ବେହେରାଙ୍କ ଝିଅ କ୍ଷୀରାବ୍ଧିତନୟାଙ୍କ ଓଡ଼ିଶୀ ବିଭାଗର ବସନ୍ତ ପଲ୍ଲବୀ ନୃତ୍ୟ ଦର୍ଶକ ଓ ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଉଦ୍‌ଯାପନୀ ଉତ୍ସବରେ କଥକ ଗୁରୁ ଡ. ବଗବାନ ଦାସ ମାନିକ, ନିର୍ଦ୍ଦେଶକ ଡ. ମୋନିକା ଶ୍ରୀବାସ୍ତବ, ଦେବାଂଶୀ ଶର୍ମା ପ୍ରମୁଖ କ୍ଷୀରାବ୍ଧିତନୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୟାଲ ଡ୍ୟାନ୍ସ ଗ୍ରୁପର ଗୁରୁ ମହେଶ ପାଢ଼ୀ, କଳାକାର ଶୁଭଶ୍ରୀ ସାହୁ, ଅଭୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରହସନ ପାଲଟିଛି ଶାନ୍ତି କମିଟି ବୈଠକ

ଆଳି,୧୦।୧୦( ବନମାଳୀ ସେନାପତି)


ବୈଠକରେ ତହସିଲଦାର, ଆଇଆଇସି ଓ ଅନ୍ୟମାନେ।

ଆଳି ଅଞ୍ଚଳରେ ଅନୁଷ୍ଠିତ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ପ୍ରତ୍ୟେକ ବର୍ଷ ଶାନ୍ତି କମିଟି ବୈଠକ ହେଉଛି। ବିଭିନ୍ନ ବିଷୟରେ ଆଲୋଚନା ହେଉଛି। କିନ୍ତୁ ଫଳ କିଛି ମିଳୁନାହିଁ। କେବଳ ଔପଚାରିକାତା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବୈଠକ ଡକାଯାଇ ଆଲୋଚନାରେ ଏହା ସୀମିତ ରହୁଛି। ଆଳି ଅଞ୍ଚଳରେ ଥିବା ପୂଜା କମିଟିର ସଦସ୍ୟମାନେ ବୈଠକରେ ଉପସ୍ଥିତ ରହୁଛନ୍ତି। କିନ୍ତୁ ଯେଉଁ ବିଭାଗୀୟ ଅଧିକାରୀମାନଙ୍କୁ ଡକାଯାଉଛି ସେମାନେ ଆସୁନାହାନ୍ତି। ସେମାନେ ଏହି କାର୍ଯ୍ୟକ୍ରମକୁ ଅଣଦେଖା କରୁଛନ୍ତି। ତେଣୁ ଶାନ୍ତି କମିଟି ବୈଠକ ଏକ ପ୍ରହସନରେ ପରିଣତ ହେଲା ଭଳି ଲାଗୁଛି। ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଓ ଥାନାର ଆଇଆଇସି ସବ୍ୟସାଚୀ ଶତପଥିଙ୍କ ଦ୍ୱାରା ଆହୁତ ବୈଠକରେ କେବଳ ସେହି ୨ଜଣ ହିଁ ଉପସ୍ଥିତ ରହୁଥିଲେ। ଅପରାହ୍ନରେ ଆଳି ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଆଇଆଇସି ଓ ତହସିଲଦାରଙ୍କ ସହ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଅଧିକାଂଶ ବୁଦ୍ଧିଜୀବୀ ଡିଜେ ବଜାଇବାକୁ ବିରୋଧ କରିଥିଲେ। ପତ୍ରପୁର ସେତୁଠାରୁ ଗଡଗଡି ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତା ଉପରେ ଗୋରୁଙ୍କ ଅବାଧ ବିଚରଣ ଅନେକ ଲୋକଙ୍କ ଜୀବନ ନେଲାଣି। ତେଣୁ ଗୋରୁମାନଙ୍କୁ ରାସ୍ତାରୁ ତଡିବା ପାଇଁ ଦାବି ହୋଇଥିଲା। ଏ ବିଷୟରେ ପ୍ରଶାସନିକ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ମୂର୍ତ୍ତି ଭସାଣି ମଧ୍ୟ ଗୋଟିଏ ଦିନରେ କରିବାକୁ ମତ ପ୍ରକାଶ ପାଇଥିଲା। ପୂଜା ଦିନଗୁଡ଼ିକରେ ମଦ ଦୋକାନ ବନ୍ଦ ରଖିବା ଓ ଆଳି ନୂଆ ବଜାରର କିଛି ଦୋକାନ ଉପରେ ସତର୍କ ଦୃଷ୍ଟି ରଖିବାକୁ କିଛି ପୂଜା କମିଟିର ସଦସ୍ୟ ମତ ପ୍ରକାଶ କରିଥିଲେ। ଏତେ କମ୍ ଦିନ ପୂଜା ଥିବା ବେଳେ ଶାନ୍ତି କମିଟି କାହିଁକି ଡକାଗଲା ବୋଲି କିଛି ସଦସ୍ୟ କହିଥିଲେ। ଆସନ୍ତା ବର୍ଷ ଗୋଟିଏ ମାସ ଆଗରୁ ଶାନ୍ତି କମିଟି ଡାକିବାକୁ ଦାବି କରିଥିଲେ। ଏହାଦ୍ୱାରା ପୂଜା ପୂର୍ବରୁ ଶାନ୍ତି କମିଟି ୨ରୁ୩ ଥର ବସି ପାରିବ ବୋଲି ମତ ପ୍ରକାଶ ପାଇଥିଲା।

### ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୧୦।୧୦(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଉନ୍ନିତ ସରକାରୀ ଉଚ୍ଚବିଦ୍ୟାଳୟ ମାଟିଆପଡାଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଦୁଇ ଦିନିଆ କୁମ୍ଭୀର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିବେଶବିତ୍ ମନୋଜ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଜମ୍ବୁ ବନଖଣ୍ଡ ବନପାଳ ମହନ୍ତ କୁମାର ମଲ୍ଲିକ ଯୋଗଦେଇ କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବାର ବିଭିନ୍ନ ଉପାୟଗୁଡିକ ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଶଙ୍କର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାର ପ୍ରଥମ ଦିନରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ବିନୋଦ ଦାସ, ଚନ୍ଦ୍ରଭାନୁ ସାହୁ ଓ ସ୍ୱପ୍ନେଶର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଓଳାଭର ମହାବିଦ୍ୟାଳୟରେ କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଉପସ୍ଥିତ ଅତିଥିମାନେ।

ରାଜକନିକା,୧୦।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭରଠାରେ ଆଇକ୍ୟୁଏସି ଅଧୀନରେ ଥିବା ଓଳାଭର ମହାବିଦ୍ୟାଳୟରେ ମଙ୍ଗଳବାର କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱ ଏବଂ ଉଷାରାଣୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଗଣେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସେମାନେ ଏମ୍‌ଏସ୍‌ଏମ୍‌ଇ ଓ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଳ୍ପ ପର୍ଯ୍ୟବେକ୍ଷକ ନରେନ୍ଦ୍ରନାଥ ମହାରଣା ଯୋଗଦେଇ ଆତ୍ମନିଯୁକ୍ତି ଉପରେ ଆଲୋକପାତ କରିଥିଲେ। ଜିଲା ଶିଳ୍ପ ବିକାଶ ଅଧିକାରୀ କୂଳମଣି ବେହେରା ଅନ୍ୟତମ ପ୍ରଶିକ୍ଷକ ଭାବେ ଯୋଗଦେଇ ଉଦ୍ୟୋଗପତି ହେବାକୁ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଅନନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଡ. ସୁଧୀର କୁମାର ସାହୁ, ପ୍ରତାପ କୁମାର ବିଶ୍ୱାଳ, ମଧୁସ୍ମିତା ଶୁକ୍ଳା, ମନୀନ୍ଦ୍ର କୁମାର ସାହୁ ଓ ମନୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ସରପଞ୍ଚ


ରାଜକନିକା ବିଡିଓଙ୍କୁ ସରପଞ୍ଚମାନେ ଦାବପତ୍ର ଦେଉଛନ୍ତି।

ରାଜକନିକା,୧୦।୧୦(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକର ସରପଞ୍ଚମାନେ ମଙ୍ଗଳବାର ପନ୍ଦର ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରାଯାଉଥିବାରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ଭିତରେ ଗ୍ରାମାଞ୍ଚଳକୁ ସୁଦୃଢ଼ କରିବା ପାଇଁ ୭୩ ଅଧିନିୟମ ଜାରି କରାଯାଇଥିବା ବେଳେ ଏହାକୁ ସିଧା ସଳଖ ଉଲଂଘନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାଜ୍ୟ ସରପଞ୍ଚ ମହାସଂଘର ରାଜକନିକା ଶାଖା ପକ୍ଷରୁ ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତିଙ୍କ ନେତୃତ୍ୱରେ ନିର୍ବାଚିତ ଏକାଧିକ ବିରୋଧୀ ଦଳର ସରପଞ୍ଚ ଏହି ଦାବିପତ୍ର ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ତେବେ ଏହି ଦାବିପତ୍ର ପ୍ରଦାନ ସମୟରେ ହାଟସାହି ସରପଞ୍ଚ ସୀତାରାଣୀ ଦାସ, ସିକୋ ସରପଞ୍ଚ ଗଙ୍ଗାଧର ବେହେରା, ପେଗରପଡା ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ, କୋରନ୍ଦ ସରପଞ୍ଚ ଗୀତାଞ୍ଜଳି ସେଠୀ, ପଣଷଗଣ୍ଡ ସରପଞ୍ଚ ଉର୍ମିଳା ମଲ୍ଲିକ, ଭାରିଗଦା ସରପଞ୍ଚ ମୀନା କୁମାରୀ ମଲ୍ଲିକ, ଜୟନଗର ନାଏବ ଆରତି ପ୍ରଧାନ, ସରପଞ୍ଚ ବରୁଣ ସରପଞ୍ଚ ଯଶୋମତୀ ବେହେରାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ନିରାମୟରେ ମିଳୁନି ସମସ୍ତ ପ୍ରକାର ଔଷଧ

**ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ**

■ ଡାକ୍ତରଙ୍କ ପ୍ରେସ୍‌କ୍ରିପଶନରେ ବାହାର ଔଷଧ ଦୋକାନ ଯାଉଛନ୍ତି ରୋଗୀ

■ ଲଗା ହୋଇନାହିଁ ନିରାମୟ ସୂଚନା ଫଳକ



ପଟ୍ଟାମୁଣ୍ଡାଇ,୧୦।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବେ ଅବ୍ୟବସ୍ଥା ଓ ଅବହେଳାକୁ ନେଇ ଚର୍ଚ୍ଚାରେ। ଉନ୍ନତମାନର ସେବା ପ୍ରଦାନ ସମସ୍ୟାକୁ ନେଇ ଅଭିଯୋଗର ତାଲିକା ଲମ୍ବା ହୋଇଚାଲିଛି। ରୋଗୀଙ୍କୁ ଔଷଧ ପ୍ରଦାନରେ ଚିକିତ୍ସାଳୟର କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉ ନ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଚିକିତ୍ସାଳୟର ନିରାମୟ କେନ୍ଦ୍ରରେ ଅଧିକାଂଶ ଔଷଧ ମିଳୁନାହିଁ। ଡାକ୍ତର ଲେଖୁଥିବା ଔଷଧ ପାଇଁ ରୋଗୀଙ୍କୁ ବାହାର ଔଷଧ ଦୋକାନ ଉପରେ ନିର୍ଭର କରିବାକୁ ପଡୁଛି। ଏଥିସହ ନିରାମୟ କେନ୍ଦ୍ରର ସୂଚନା ଫଳକ ଲଗାଯାଇ ନ ଥିବାରୁ ରୋଗୀ ଔଷଧ ପାଇଁ ହଇରାଣ ହେଉଥିବା ଅଭିଯୋଗ ହେଉଛି।

ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇବା ପାଇଁ ୨୦୧୫ରେ ନିରାମୟ ଯୋଜନା ଆରମ୍ଭ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ ହୋଇ ଗୋଟିଏ କାଉଣ୍ଟର ଖୋଲାଯାଇଛି। ଏହି ଚିକିତ୍ସାଳୟ ଉପରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ସମେତ ରାଜନଗର, ଆଳି, ରାଜକନିକା ଓ ମହାକାଳପଡ଼ା ବ୍ଲକର ରୋଗୀମାନେ ନିର୍ଭର କରୁଛନ୍ତି। ଏହି ଚିକିତ୍ସାଳୟକୁ ଆସୁଥିବା ଶହ ଶହ ରୋଗୀ ଅଧିକାଂଶ ଔଷଧ ନିରାମୟ କେନ୍ଦ୍ରରେ ମିଳୁ ନ ଥିବା ଅଭିଯୋଗ କରୁଛନ୍ତି। କଲେଜ ଛାତ୍ରୀ ପୂଜା ପାତ୍ର କହିଛନ୍ତି, ଚିକିତ୍ସାଳୟର ନିରାମୟ କେନ୍ଦ୍ରରେ କେଉଁ ଔଷଧ ଉପଲବ୍ଧ ରହିଛି ତାହା ସର୍ବସାଧାରଣଙ୍କୁ ସୂଚିତ କରାଯିବା ପାଇଁ ସେଠାରେ ଏକ ତାଲିକା ଲଗାଯିବା କଥା। ଉପଲବ୍ଧ ଥିବା ଔଷଧ ପାର୍ଶ୍ୱରେ ଠିକ୍ ଚିହ୍ନ ମରାଯିବା କଥା, ମାତ୍ର ଏହି ଚିକିତ୍ସାଳୟରେ ଔଷଧ ସମ୍ପର୍କରେ କୌଣସି ତାଲିକା ମରାଯାଇନାହିଁ। ବୁଦ୍ଧିଜୀବୀ ରବୀନ୍ଦ୍ର ଭଞ୍ଜ କହିଛନ୍ତି, ଡାକ୍ତର ଔଷଧ ଚିଠା ଲେଖିବା ବେଳେ ସାଦା କାଗଜ ଚିରୁଛୁଟିରେ ବାହାର କମ୍ପାନୀ ଔଷଧ ଲେଖୁଛନ୍ତି। କହୁଛନ୍ତି ସବୁ ନିରାମୟରେ ମିଳୁନାହିଁ। ଯେଉଁ ଔଷଧ ସବୁ ବାହାରୁ କିଣିବାକୁ ପଡୁଛି ତାହାର ଦାମ୍ ଯଥେଷ୍ଟ ଅଧିକ ରହୁଛି। ଡାକ୍ତରଙ୍କ ଡ୍ୟୁଟି ପରେ ଆଉ ଯେଉଁ ଡାକ୍ତର ଆସୁଛନ୍ତି ସେ ପୁଣି ଅଲଗା କମ୍ପାନୀର ଔଷଧ ଲେଖୁଛନ୍ତି। ଗରିବ ରୋଗୀଙ୍କ ପାଇଁ ଅଧିକ ଦାମ୍‌ରେ ଔଷଧ କିଣିବା ସମ୍ଭବ ହେଉନାହିଁ। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ନିରାମୟ କେନ୍ଦ୍ରରେ କେଉଁ ଔଷଧ ଉପଲବ୍ଧ ଅଛି ତାହା ମଧ୍ୟ ସୂଚିତ କରାଯାଉନାହିଁ। ଏଠାରେ ପ୍ରାୟ ୨୭୧ ପ୍ରକାର ଔଷଧ ମିଳିବା କଥା। ବିଭିନ୍ନ ରୋଗର ଔଷଧକୁ ଯେପରି ଆଣ୍ଟିବାୟୋଟିକ୍, ଆନାଲଜେସିକ, ଆଣ୍ଟି ମ୍ୟାଲେରିଆ, କୃମି ଔଷଧ, ଥଣ୍ଡା କାଶ ଔଷଧ, ଚର୍ମ, ପେଟରୋଗ ସମ୍ପର୍କିତ, ଝାଡ଼ା, ଭିଟାମିନ୍ ମିନେରାଲ, ସ୍ନାୟୁ, ସର୍ଜିକାଲ, ଶ୍ୱାସ, ପେଟ ବ୍ୟଥା, ଆଣ୍ଟି ଡାଇବେଟିକ୍, କୁଷ୍ଠ ରୋଗୀଙ୍କ ପାଇଁ ଔଷଧ, ଆଖି, ରକ୍ତ ଶୂନ୍ୟତା ଓ ଅନ୍ୟ ଔଷଧ ରୋଗୀଙ୍କ ପାଇଁ ଚିକିତ୍ସାଳୟରେ ନିରାମୟ ସୂଚନା ଫଳକ ଲଗା ହେବା କଥା। ମାତ୍ର ଏଠାରେ ସୂଚନା ଫଳକ ଲଗାଯାଇନାହିଁ। ରୋଗୀଙ୍କ ଅଜାଣତରେ ସେଥି ମଧ୍ୟରୁ ବହୁ ଔଷଧ ମିଳୁ ନ ଥିବା କହି ବାହାରୁ ଆଣିବା ପାଇଁ ଡାକ୍ତର ଚିଠା ଦେଉଥିବା ରୋଗୀମାନଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି। ଚିକିତ୍ସାଳୟରେ ଥିବା ନିରାମୟ କେନ୍ଦ୍ରରେ କିଛି ହାତଗଣତି ଔଷଧ ମିଳୁଛି। ଫଳରେ ରୋଗୀମାନେ ବାହାରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଏଡିଏମ୍‌ଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଚିକିତ୍ସାଳୟରେ ନିରାମୟ ଯୋଜନାର ସମସ୍ତ ଔଷଧ ମିଳୁଛି। ଡାକ୍ତର ଛୋଟ ଚିରୁକୁଟିରେ ବାହାର ଔଷଧ କିଣା ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କଳାପଥର ପରିବହନ କରୁଥିବା ୩ ଟ୍ରାକ୍ଟର ଜବତ

ଧର୍ମଶାଳା,୧୦।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ବଳରାମପୁର ରାଜସ୍ୱ ଅଧୀନ ବାଘୁଆ ପାହାଡ଼ରେ ବଳରାମପୁର-୧ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ଚଢ଼ାଉ କରି ୩ କଳାପଥର ବୋଝେଇ ଟ୍ରାକ୍ଟର ଜବତ କରି ଜେନାପୁର ଥାନାରେ ଦେଇଛନ୍ତି। ଟ୍ରାକ୍ଟର ନମ୍ବର ଓଡି-୦୪-ପି-୪୬୭୮ ଓ ୨ ନମ୍ବର ବିହୀନ ଟ୍ରାକ୍ଟର ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବାଘୁଆ କଳାପଥର ଖାଦାନରେ ମଙ୍ଗଳବାର ବେଆଇନ ଭାବେ ଉତ୍ତୋଳନ ହେଉଥିବା ଖବର ପାଇ ରାଜସ୍ୱ ନିରୀକ୍ଷକ ଚଢ଼ାଉ କରିଥିଲେ। ଏନେଇ ସେ ଧର୍ମଶାଳା ତହସିଲଦାରଙ୍କୁ ଅବଗତ କରିଥିବା କହିଛନ୍ତି।

### ମାନସିକ ବିକୃତ ମହିଳାଙ୍କୁ ଥଇଥାନ

କାଏମା,୧୦।୧୦(ଶିବପ୍ରସାଦ ମହାନ୍ତି) ଯାଜପୁର ଜିଲା ଧର୍ମଶାଳାର ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ଉଦ୍ଧାର କରି ସୁକିନ୍ଦାରେ ଥିବା ମିଶନ ଆଶ୍ରା ଟ୍ରଷ୍ଟରେ ଥଇଥାନ କରିଯାଇଛି । କିଛି ଦିନ ହେବ କାଏମା ଅଞ୍ଚଳରେ ବୁଲିଥିବା ଏହି ମହିଳାଙ୍କୁ ଦେଖି ସ୍ଥାନୀୟ ଲୋକମାନେ ସଙ୍ଗଠନର ସମ୍ପାଦକ ଗଣେଶ୍ୱର ନାୟକ ଜଣାଇଥିଲେ। ଶନିବାର କାଏମା ବ୍ରିଜପାଖରେ ବୁଲୁଥିବା ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରିଯାଇଥିଲା। ସଙ୍ଗଠନ ପକ୍ଷରୁ ଅଜୟ କୁମାର ସେଠୀ, ନାରାୟଣ ପଣ୍ଡା,ତପନ କୁମାର ସାହୁ, ନିଳମଣୀ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଭୁଜାଲି ଆକ୍ରମଣରେ ୨ ଯୁବକ ଗୁରୁତର

ଉଦଳା,୧୦।୧୦(ସନ୍ତୋଷ କୁମାର ବାଗ୍ଛିନୀ) ମୟୂରଭଞ୍ଜ ଜିଲା ଉଦଳା- ବାରିପଦା ରାଜ୍ୟ ରାଜପଥର ଖୁଣ୍ଟା ଥାନା ଗଞ୍ଜାମ ଛକରେ ସଂଘବଦ୍ଧ ଆକ୍ରମଣରେ ୩ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ଦ୍ୱୟ ହେଲେ ଉଦଳା ଥାନା ଚୁଳିଆପୋଷି ଗ୍ରାମର ଦିଲ୍ଲୀପ ବାରିକ ଏବଂ ସୁରେଶ ସାମଲ। ସୂଚନା ଅନୁଯାୟୀ, ମଙ୍ଗଳବାର ଉଦଳା ହାଟ ସାରି କିଛି ଗୋରୁ ବେପାରୀ ଗୋରୁ ନେଇ ବାରିପଦା ଅଭିମୁଖେ ଯାଉଥିଲେ। ଏହି ସମୟରେ ବାରିପଦାରୁ ବୋଲେରୋ ଏବଂ ବୁଲେଟରେ ଆସି କିଛି ଯୁବକ ଗୋରୁ ବେପାରୀଙ୍କୁ ରାସ୍ତାରେ ଅଟକାଇ ଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଖବର ପାଇ ଉଦଳା ଥାନା ଚୁଳିଆପୋଷି ଗ୍ରାମର ଦିଲ୍ଲୀପ ବାରିକ ଏବଂ ସୁରେଶ ସାମଲ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ବାରିପଦାରୁ ଆସିଥିବା ଯୁବକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଭୁଜାଲି ଏବଂ ମରଣାସ୍ତ୍ରରେ ଦିଲ୍ଲୀପ ଓ ସୁରେଶଙ୍କୁ ହାଣି ଗୁରୁତର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ୨ ଯୁବକଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖୁଣ୍ଟା ପୋଲିସ ଘଟଣାର ତଦନ୍ତ କରୁଛି।

# ଯାଜପୁରର ଲାଇଫ୍‌ଲାଇନ୍ ବାଇପାସ୍ ରୋଡ୍ କାର୍ଯ୍ୟ ସରୁନି

- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ
- ଅବଧି ଶେଷ ପରେ ବି କାମ ସରୁ ନ ଥିବାରୁ ବଢ଼ୁଛି ଅସନ୍ତୋଷ



ଯାଜପୁର ଟାଉନ,୧୦।୧୦ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ସହରକୁ ଟ୍ରାଫିକ୍ ସମସ୍ୟାରୁ ମୁକ୍ତ କରିବା ସହ ବିରଜା ଓ ଅନ୍ୟ ମନ୍ଦିରକୁ ଆସୁଥିବା ଯାତ୍ରୀଙ୍କ ପଥକୁ ସୁଗମ କରିବା ପାଇଁ ସହରର ବାମ ଓ ଦକ୍ଷିଣପାର୍ଶ୍ୱରେ ୨ ବାଇପାସ ରୋଡ୍ ଯଥା: ବିରଜା ରିଂରୋଡ ଏବଂ ମାନସାପୋଲଠାରୁ ସିନ୍ଦୁରାଇମୁହଁ ଛକ ପର୍ଯ୍ୟନ୍ତ ବାଇପାସ ରୋଡ୍ ନିର୍ମାଣ ହେଉଛି। ହେଲେ ଅବଧି ସରିବା ପରେ ମଧ୍ୟ ରାସ୍ତା ଓ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଏହା ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।

୨୦୦୦ରୁ ବିରଜା ରିଂ ରୋଡ୍ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ବରାହ ସେତୁ ନିକଟରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାମ ଶେଷ ହୋଇପାରୁନାହିଁ। ଏଠାରେ ଜମି ଅଧିଗ୍ରହଣ ସମସ୍ୟା ଲାଗି ରହିଛି। ସେହିପରି ଯାଜପୁରସହରର ଦକ୍ଷିଣ ପାର୍ଶ୍ୱରେ ଥିବା ମାନସାପୋଲଠାରୁ ସିନ୍ଦୁରାଇମୁହଁ ଛକ ପର୍ଯ୍ୟନ୍ତ ବାଇପାସ ରୋଡ୍ ୨୦୧୭ରୁ ଆରମ୍ଭ କରାଯାଇଛି। ଏହା ୩ ବର୍ଷ ମଧ୍ୟରେ ଶେଷ ହେବାର ଥିଲା। ହେଲେ ଅବଧି ସରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଫଳରେ ଯାଜପୁରସହର ଭିତରେ ଥିବା ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଥିବାବେଳେ ବିରଜା ମନ୍ଦିରକୁ ଆସୁଥିବା ଯାତ୍ରୀ ନାନାଦୀ ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଉଛି। ଯାଜପୁର ସହରରୁ ଦଶରଥପୁର ଓ ବିଞ୍ଝାରପୁରକୁ ଯିବାପାଇଁ ଏହି ରାସ୍ତା ନିର୍ମାଣ କରାଯାଉଛି। ସେହିପରି ୨୦୨୧ରେ ୯କୋଟି ବ୍ୟୟବରାଦରେ ଅଠରନଳା ଉପରେ ବୋ-ଷ୍ଟ୍ରିଙ୍ଗଗାର୍ଡ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅବଧି ଶେଷ ହୋଇଥିଲେ ମଧ୍ୟ ଏହାର ଆପ୍ରୋଚରୋଡ ଆଜି ସୁଧା ସରିନାହିଁ। ଯାଜପୁରସହର ଭିତରକୁ ଭାରିଯାନ, ମାଲବାହି ଗାଡି ପ୍ରବେଶ କରା ନ ଯାଇ ଏହି ବାଇପାସ ରୋଡରେ ଯାଜପୁରସହର, ବିଞ୍ଝାରପୁର ଓ ଦଶରଥପୁରକୁ ଯିବାଆସିବା କରାଯାଇପାରିବ ବୋଲି ଲକ୍ଷ୍ୟ ଥିବାବେଳେ ତାହା ହୋଇପାରିନାହିଁ। ସହରଭିତରକୁ ଯିବାକୁ ଚାହୁଁନଥିବା ଛୋଟବଡ଼ ଯାନ ଓ ଯାତ୍ରୀଙ୍କ ଯାତାୟାତ ଲାଗି ବହୁ ଅସୁବିଧା ଲାଗିରହୁଛି। ଏହି ରାସ୍ତାର ଦୂରତା ୬କି.ମି.। ୬ବର୍ଷ ଧରି ଏହି ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରାଯାଇପାରୁ ନାହିଁ। ଜିଲା ସଦରମହକୁମା ଯାଜପୁରସହର ପ୍ରବେଶ ଓ ପ୍ରସ୍ଥାନ ଲାଗି ଗୋଟିଏ ରାସ୍ତା ଥିବାରୁ ଯାତାୟାତ ସମସ୍ୟାକୁ ଦୂର କରିବା ଲାଗି ଜଳସମ୍ପଦ ବିଭାଗର ୱାନ୍‌ମେନ୍ କେନାଲ ଦକ୍ଷିଣ ପାଖକୁ ବାଇପାସ କେନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାଜପୁର ବାହାରୁ ଆସୁଥିବା ଯାନ ଓ ଯାତ୍ରୀ ବୈଦ୍ୟରାଜପୁର ନିକଟରେ ରାସ୍ତା ବନ୍ଦ ଦେଖି ଅଠରନଳା ଯାଏ କେନାଲ ଅପରପାର୍ଶ୍ୱ ଉପରେ ଯାତାୟାତ ଲାଗି ନିର୍ଭର କରିବାକୁ ବାଧ ହେଉଛନ୍ତି। ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବହୁ ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯାଜପୁର ପୂର୍ତ୍ତ ବିଭାଗ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାସ୍ତା କାର୍ଯ୍ୟ ଦାୟିତ୍ୱ ନେଇଛନ୍ତି। ହେଲେ ରାସ୍ତା କାର୍ଯ୍ୟ ଶେଷ ନ ହେବାରୁ ଠିକା ସଂସ୍ଥାକୁ ଦାୟୀ କରିଛନ୍ତି ବିଭାଗୀୟ ଯନ୍ତ୍ରୀ। ଏ ସମ୍ପର୍କରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ବାଇପାସ ରୋଡ୍ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଲାଗିରହିଥିଲା, ଏହି ସମସ୍ୟା ସମାଧାନ କରାଯାଉଛି। ଏବେ ୮୦ ପ୍ରତିଶତ ରାସ୍ତା କାର୍ଯ୍ୟ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ କରାଯିବ।

# ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଯାଜପୁରରୋଡ୍,୧୦।୧୦ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରସ୍ଥ ମୁଖ୍ୟରାସ୍ତାର ଡାକ୍ତର ପରମେଶ୍ୱର ନାୟକଙ୍କ କ୍ଲିନିକ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଲୁହା ବିଦ୍ୟୁତ୍ ଖୁଣ୍ଟ ବହୁ ପୁରୁଣା ହୋଇଥିବାରୁ ତଳଭାଗରେ କଳଙ୍କି ଲାଗି ନାମକୁ ମାତ୍ର ଛିଡ଼ା ହୋଇଛି। ଖୁଣ୍ଟଟି ଯେକୌଣସି ସମୟରେ ଭାଙ୍ଗିଯିବାର ଆଶଙ୍କା ରହିଛି। ଫଳରେ ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ସ୍ଥାନଟି ଏକ ମୁଖ୍ୟ ବ୍ୟବସାୟିକ ସ୍ଥଳ ହୋଇଥିବାବେଳେ ନିକଟରେ ବ୍ୟାଙ୍କ, ସପିଂ ମଲ, ହୋଟେଲ ଓ ଦୁଇଟି କ୍ଲିନିକ ରହିଛି। ପ୍ରତିଦିନ ବହୁ ରୋଗୀ ଓ ସେମାନଙ୍କ ପରିଜନ ବିଭିନ୍ନ ଏହି ସ୍ଥାନକୁ ଆସିଥାନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ଜନଗହଳିପୂର୍ଣ୍ଣ ରହିଥାଏ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଟାଟା ପାୱାର ଯାଜପୁରରୋଡ୍ ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ବରାଳଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ତେଣୁ ଉପରିସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟିଦେଇ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବିହେଉଛି।

# ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ବିଦ୍ୟାଳୟ କମିଟି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

ରସୁଲପୁର,୧୦।୧୦(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ବଡ଼କଇଞ୍ଚ ପଞ୍ଚାୟତ ଚନ୍ଦନ ବଜାରଠାରେ ହେବାକୁ ଥିବା ସେଣ୍ଟ୍ ଜାଭିୟର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଇଁ ପରିଚାଳନା କମିଟି ଗଠନ କରାଯାଇଛି। ଏନେଇ ବ୍ଲକ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଶିକ୍ଷା ସଚେତନ ବ୍ୟକ୍ତିମାନେ ଯୋଗଦେଇ କମିଟି ଗଠନ ସମ୍ପର୍କରେ ମତ ରଖିଛନ୍ତି। ସାମାଜିକକର୍ମୀ ଅନନ୍ତ ପୁହାଣଙ୍କୁ କମିଟି ସଭାପତି ମନୋନୀତ କରାଯାଇଛି। ଉପସଭାପତି ଭାବେ ମଣିନାଥ ସ୍ୱାଇଁ, ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସହସମ୍ପାଦକ ମାନସ କୁମାର ପାଣି, କାର୍ଯ୍ୟକାରୀ ସମ୍ପାଦକ କୀର୍ତ୍ତନ ବିହାରୀ ସାହୁ, କୋଷାଧ୍ୟକ୍ଷ ଅଲେଖ ରାଉତ, ସଭ୍ୟ ଭାବେ ତପନ କୁମାର ମଲିକ, ଅଲିଭା ମଲିକ, ଗଣେଶ୍ୱର ବୋଇତାଇ, ବିଷ୍ଣୁଚରଣ ଦାଶ, ହୃଷୀକେଶ ରାଉତ, ପ୍ରଶାନ୍ତ କୁମାର ମହାପାତ୍ର ଓ ବାସନ୍ତି ତରେଇ ପ୍ରମୁଖଙ୍କୁ ଚୟନ କରାଯାଇଛି। ନୂତନ କମିଟିକୁ ଅଭିଭାବଙ୍କ ମହଲରେ ସ୍ୱାଗତ କରାଯିବା ସହ କମିଟିର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ସଭାପତି ପୁହାଣ ସୂଚନା ଦେଇଛନ୍ତି। ବୈଠକରେ ବୈକୁଣ୍ଠ ବିହାରୀ ରାଉତ ପୂର୍ବ ବୈଠକର ବିବରଣୀ ପାଠ କରିଥିବାବେଳେ ହୃଷୀକେଶ ରାଉତ ଧନ୍ୟବାଦ ଦେଇଥିଲେ।

# ଡାକ ବିଭାଗ ପକ୍ଷରୁ ବିତ୍ତୀୟ ସଶକ୍ତୀକରଣ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ।

ରସୁଲପୁର,୧୦।୧୦(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ଡାକ ବିଭାଗ ପକ୍ଷରୁ ଡାକମେଳା ଜରିଆରେ ବିତ୍ତୀୟ ସଶକ୍ତୀକରଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳ ମହିଳାଙ୍କୁ ପରିବାରର ଆର୍ଥିକ ଅଭିବୃଦ୍ଧିକରଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କରେ ସଚେତନ କରାଇବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ଦିଗଗୁଡ଼ିକ ଉପରେ ସୂଚନା ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ଡାକଘରଗୁଡ଼ିକ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି। ଡାକଘରଗୁଡ଼ିକରେ ସଞ୍ଚୟ ଜମା, ଚଳନ୍ତି ଜମା, ସ୍ଥାୟୀଜମା ଆଦି ପାଇଁ ଖାତା ଖୋଲିବା ସହ ସରକାରୀ ସହାୟତା ଯଥା ; ଏମଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ଅର୍ଥ, ଆବାସ ଅର୍ଥ, ଜବକାର୍ଡରେ କାର୍ଯ୍ୟ ବାବଦକୁ ଦେୟ, ସମାଜିକ ସୁରକ୍ଷା, କାଳିଆ ସହାୟତା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଭଳି ବିଭିନ୍ନ ସହାୟତା ଖାତାଧାରୀଙ୍କୁ ପୈଠ କରାଯିବାର ସୁବିଧା ପ୍ରଦାନ କରାଯାଉଛି। ସେହିପରି ସୁକନ୍ୟା ଯୋଜନା, ଅଟଳ ପେନସନ, ଡାକ ଜୀବନ ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷାବୀମା ଯୋଜନା, ଡାକଘର ଆଧାର କେନ୍ଦ୍ର ଓ ସାଧାରଣ ସୁବିଧା କେନ୍ଦ୍ର ଆଦି ଉପଲବ୍ଧ ହେଉଛି ବୋଲି ମେଳା ଜରିଆରେ ଅବଗତ କରାଯାଇଛି। ଏସବୁ ଯୋଜନାରେ ସର୍ବୋପରି ମହିଳାମାନଙ୍କ ବିଶେଷ ଭୂମିକା ରହିଛି। ମହିଳାଙ୍କୁ ଆର୍ଥିକ ସମ୍ପୃକ୍ତୀକରଣ ଓ ବିତ୍ତୀୟ ପରିଚାଳନା କ୍ଷମତା ବୃଦ୍ଧି ଘଟାଇବା ସହ ସେମାନଙ୍କୁ ଏ ଦିଗରେ ସଚେତନ କରାଯାଇ ପାରିଲେ ସରକାରଙ୍କ ସମସ୍ତ ଯୋଜନା ସଫଳ ରୂପାୟନ ହୋଇପାରିବ। ଏଥିରୁ ପ୍ରତ୍ୟେକ ପରିବାରକୁ ଲାଭ ମିଳି ପାରିବ ବୋଲି ଯାଜପୁର ଜିଲା ଡାକ ଡିଭିଜନର ଅଧୀକ୍ଷକ ଶୁଭ୍ରାକାଶ ନାୟକ ସୂଚନା ଦେଇଛନ୍ତି। ଧର୍ମଶାଳା ଉପ-ଡାକ ଡିଭିଜନର ନିରୀକ୍ଷକ କୁମର ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ(ଆଇପିପିବି) ପରିଚାଳକ ଚିନ୍ତାମଣି ପାଗଳ, ପ୍ରକାଶ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ, ଶିକ୍ଷାବିତ୍ ମାଗୁଣି ଚରଣ ପୃଷ୍ଟି, ଅନିରୁଦ୍ଧ ପୃଷ୍ଟି ଓ ମନୋଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡାକ ବିଭାଗର ବିଭିନ୍ନ ସଫଳ ଦିଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାଏମା ଶାଖା ଡାକ ପରିଚାଳକ ଧନେଶ୍ୱର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ରାଉତରାପୁର ଶାଖା ଡାକ ପରିଚାଳିକା ବିନ୍ଦୁଲତା ଶାନ୍ତି ଧନ୍ୟବାଦ ଦେଇଥିଲେ।

### ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ଧର୍ମଶାଳା,୧୦।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ଖୋସାଲିପୁର- ହରିଦାସପୁର ହାଇଲେଭଲ କେନାଲ ରାସ୍ତାରେ ସୋମବାର ରାତିରେ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ବାଇକ ଆରୋହୀଙ୍କୁ ଅଟକାଇ ତାଙ୍କ ନିକଟରୁ ୩୦ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ହରିଦାସପୁର ରାମକୋ ସିମେଣ୍ଟ କାରଖାନାରେ କାମ କରୁଥିବା ମାହାଙ୍ଗା ଥାନା ପାଇକରାପୁର ଅଞ୍ଚଳର ମାନସ ରଞ୍ଜନ ରାଉତ। ସେ ଏହି ଥାନା ଅନ୍ତର୍ଗତ କଦଳା ଗ୍ରାମରେ ଘର ଭଡା ନେଇ ସପରିବାର ରହୁଛନ୍ତି। ସୋମବାର ସନ୍ଧ୍ୟାରେ ସେ ଚଣ୍ଡିଖୋଲସ୍ଥିତ ଏକ ଏଟିଏମ୍‌ରୁ ୩୦ ହଜାର ଟଙ୍କା ଉଠାଇ ରାତି ପ୍ରାୟ ୮ଟାରେ ବାଇକରେ କେନାଲ ରାସ୍ତାରେ ଘରକୁ ଫେରୁଥିଲେ। ଓଡି-୦୫-ଏଲ-୩୪୩୬ନଂ. ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ତାଙ୍କ ବେକରେ ବନ୍ଧୁକ ଲଗାଇ ଭୟଭିତ କରି ଟଙ୍କା ଲୁଟି ନେଇଥିଲେ। ଏହି ରାସ୍ତାରେ ଏଭଳି ଭାବେ ଲୋକେ ବାରମ୍ବାର ଲୁଟର ଶିକାର ହେଉଛନ୍ତି। ପୋଲିସର ନିଷ୍କ୍ରିୟତା ଯୋଗୁ ଏଭଳି ଲୁଟ ହେଉଥିବା ଅଭିଯୋଗ ହୋଇଛି। ତେଣୁ ରାସ୍ତାରେ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବ୍ୟାସନଗରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ଉଦ୍‌ଘାଟିତ

ଯାଜପୁରରୋଡ୍,୧୦।୧୦ (ପବିତ୍ର ରଞ୍ଜନ ମହାନ୍ତି): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବ୍ୟାସନଗରସ୍ଥିତ ୱାଟକୋ କାର୍ଯ୍ୟାଳୟ ପରିସରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଛି। ସହରାଞ୍ଚଳ ଲୋକମାନଙ୍କୁ ସୁବିଧାରେ ସ୍ୱଚ୍ଛ ଏବଂ ବିଶୁଦ୍ଧ ଜଳ ଯୋଗାଇଦେବାକୁ ୱାଟ୍‌କୋ ସହାୟତାରେ ବ୍ୟାସନଗରରେ ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସରିଛି। ଆଉକିଛି ପ୍ରକଳ୍ପର କାମ ଚାଲିଛି। ଶେଷ ହୋଇଥିବା ପ୍ରକଳ୍ପଗୁଡିକରୁ ବ୍ୟାସନଗର ପୌରାଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ପାଇପ ମାଧ୍ୟମରେ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ସେହି ପ୍ରକଳ୍ପଗୁଡ଼ିକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ କୁମାର ବଳ,ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଳିକ,ବିଜୁ ଜନତା ଦଳ ଜିଲା ମହିଳା ସଭାନେତ୍ରୀ ସବିତା ରାଉତ,ବରିଷ୍ଠ ବିଜେଡି ନେତା ରସାନନ୍ଦ ମହାନ୍ତି,ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ସମେତ ୱାଟକୋର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ସୁରଭି, ମିଲେଟ୍‌ସ ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ରଗଡ଼ି,୧୦।୧୦(ଜତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟସ ପ୍ରତିଯୋଗିତା ନଗୁଆଁ ବ୍ରାହ୍ମଣୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କନିଷ୍ଠବରିଷ୍ଠ ଦଳଗତ ଆଦିସ୍ତରରେ ମନୋନୀତ ପ୍ରତିଯୋଗୀମାନେ ମୋଟ ୨୦ ବିଭାଗରେ ଭାଗ ନେଇଥିଲେ। ପୂର୍ବାହ୍ନ ୯ଟା୩୦ରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶର୍ମିଷ୍ଠା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷାଅଧିକାରୀ ସୁଦର୍ଶନ ମଲ୍ଲିକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ତଳଗଡ଼ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମିତିସଭ୍ୟା ବବିତା ନାୟକ, ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ, ଜିଲା ଶିକ୍ଷା ପ୍ରତିଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଗୁରୁ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଅଞ୍ଜନ କୁମାର ନାୟକ, ଗୋହିରାଗଡ଼ିଆ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ନାୟକ, ସ୍ଥାନୀୟ ସିଆର୍‌ସିସି ଚିତ୍ତରଞ୍ଜନ ନନ୍ଦ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପାନୀ ଉତ୍ସବରେ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, କର୍ମଚାରୀ, ସିଏମ୍‌ସି ସଦସ୍ୟାସଦସ୍ୟ, କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀମାନଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପା ପାଇଁ ଉତ୍ସାହିତ କରାଯାଇଥିଲା।

### ଚାଲାଣବେଳେ ୩ ଷଣ୍ଢ ଉଦ୍ଧାର, ଡ୍ରାଇଭର ଗିରଫ

ଧର୍ମଶାଳା,୧୦।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମ ନିକଟରେ ବେଆଇନଭାବେ ଏକ ପିକଅପ୍ ଭ୍ୟାନରେ ୩ ଷଣ୍ଢ ବ୍ରହ୍ମବରଦାକୁ ଚାଲାଣ ହେଉଥିବାବେଳେ ପୋଲିସ ଚଢ଼ାଉ କରି ଷଣ୍ଢଙ୍କୁ ଉଦ୍ଧାର କରିବା ସହ ଭ୍ୟାନ୍ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଭ୍ୟାନ୍ ନମ୍ବର ଓଆର୍-୦୫-ଏୟୁ-୫୫୦୨କୁ ଜବତ କରିଛି। ଗିରଫ ଡ୍ରାଇଭର ଏହି ଥାନା ଚହଟା ଗ୍ରାମର ସେକ୍ ନାଜିର ଅହମ୍ମଦ ବୋଲି ଜଣାପଡିଛି। ଷଣ୍ଢ ଚାଲାଣବେଳେ ଅଚ୍ୟୁତପୁର ନିକଟରେ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୬୨୭/୨୩ ରୁଜୁ ହୋଇଛି। ଡ୍ରାଇଭରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯିବା ସହ ଷଣ୍ଢଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

କାଳିଆପାଣି,୧୦।୯(ଅସିତ ମହାନ୍ତ): ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଆରଡ଼ାପାଳଠାରେ ୨୮ତମ ବାର୍ଷିକ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅରଡ଼ାପାଳ ଗ୍ରାମର ଯୁବ ସଂଘ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ସରପଞ୍ଚ ଅଞ୍ଜଳି ଦେହୁରୀ, ପୂର୍ବତନ ସରପଞ୍ଚ ନିଳେନ୍ଦ୍ରୀ ପ୍ରଧାନ, ସାମାଜିକ କର୍ମୀ ବୈକୁଣ୍ଠ ମହାନ୍ତ ଓ ଦୀପକ ମହାରଣା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୩୬ ଟିମ୍ ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ୫ ଦିନ ଧରି ଖେଳ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଲକ୍ଷ୍ମୀ ବଜାର ଗଜଲକ୍ଷ୍ମୀ ପୂଜା କମିଟି ଗଠିତ

**ଜି.ଉଦୟଗିରି,୧୦।୧୦(ପି. ସଞ୍ଜୀବ କୁମାର ପାତ୍ର):** ସ୍ଥାନୀୟ ଲକ୍ଷ୍ମୀ ବଜାରବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସତ୍ୟବ୍ରତ ସାହୁ, ଉପସଭାପତି ଭାବେ ଅଶୋକ ପାତ୍ର, ସମ୍ପାଦକ ଭାବେ ମୋତିପ୍ରସାଦ ପାତ୍ର, ସହ ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ପାଢୀ, କୋଷାଧ୍ୟକ୍ଷ ଭାବେ ଶିବାଶିଶ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଦସ୍ୟ ଭାବେ ବିଶେଶ୍ୱର ସାହୁ, ପ୍ରଶାନ୍ତ କୁମାର ମୁନୀ, ଟି.ଅଶ୍ୱିନୀ ପାତ୍ର, ଅମରେନ୍ଦ୍ର ନାୟକ, ତପନ କୁମାର ପଣ୍ଡା, ଚନ୍ଦ୍ରଶେଖର ସାହୁ, ଶଙ୍କର୍ଷଣ ଡାକୁଆ, ଅଜିତ କୁମାର ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀ, ଏସ.ଦିବ୍ୟରଞ୍ଜନ ପୃଷ୍ଟି, ସିଏଚ୍.ଅଶୋକ ପାତ୍ରଙ୍କୁ ସହଯୋଗୀ ସଦସ୍ୟ ଭାବେ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ସୁରେନ୍ଦ୍ର ଦାଶ, ପ୍ରତାପ ପଣ୍ଡା, ଗଣେଷ ପାଢୀ ଓ ଦେବୀପ୍ରସାଦ ଦାସଙ୍କୁ ମନୋନୀତ କରାଯାଇଛି।

### ରଥଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଛତ୍ରପୁର, ୧୦।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ କାଳୀପଲ୍ଲୀ ଗ୍ରାମପଞ୍ଚାୟତର ଉପୁଲାପୁଟି ଗ୍ରାମର ବହୁ ପୁରାତନ ଜଗନ୍ନାଥ ମନ୍ଦିରର ରଥ ରହିବା ନିମନ୍ତେ ଏକ ଘର ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, କାଳୀପଲ୍ଲୀ ସରପଞ୍ଚ ବି. ଲକ୍ଷ୍ମୀ ପାତ୍ର, ସମିତି ସଭ୍ୟ ବିକାଶ ବେହେରା, ଯୁବନେତା ବି. ଚନ୍ଦ୍ରମଣି ପାତ୍ରଙ୍କ ସମେତ ଗ୍ରାମର ବହୁ ଲୋକ ସାମିଲ ହୋଇଥିଲେ। ଏଥି ନିମନ୍ତେ ବିଧାୟକ ନିଜ ହାତ ପାଣ୍ଠିରୁ ୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

### ଆଇନଜୀବୀଙ୍କ ବିୟୋଗରେ ଶୋକ

**ଜି.ଉଦୟଗିରି,୧୦।୧୦(ଶିଶିର ପଟ୍ଟନାୟକ):** ଜି.ଉଦୟଗିରି ଆଇନଜୀବୀ କିଶୋର ଚନ୍ଦ୍ର ପ୍ରଧାନଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ସେ କିଛି ଦିନ ହେଲା ଅସୁସ୍ଥ ଥିବା ବେଳେ ଚିକିତ୍ସା ଜାରି ରହିଥିଲା। ତାଙ୍କର ଅକାଳ ବିୟୋଗରେ ଜି.ଉଦୟଗିରି ବାର ଆସୋସିଏସନ ତରଫରୁ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ଶୋକ ସନ୍ତପ୍ତ ପରିବାର ସମବେଦନା ଜଣାଇଥିଲେ। ଏଥିରେ ବରିଷ୍ଠ ଆଇନଜିବୀ ରବିନ୍ଦ୍ର କୁମାର ପଣ୍ଡା, ଲଳିତ ମୋହନ ପ୍ରଧାନ, ଦୀପକ ଭରଦ୍ୱାଜ, ରମେଶ ବେହେରା, ଫ୍ରାଙ୍କଲିନ ନାୟକ, ରଞ୍ଜନ ନାୟକ, ସୁଶିଳ ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜିବୀ ଯୋଗ ଦେଇଥିଲେ।

### ଅସ୍ଥାୟୀ ଆଇଆଇସିରେ ଚାଲିଛି ବୁଗୁଡ଼ା ଥାନା

**ବୁଗୁଡ଼ା,୧୦।୧୦(କଳୀଚରଣ ଦାଶ):** ପାର୍ବଣ ଋତୁରେ ଆଇନଶୃଙ୍ଖଳା ରକ୍ଷା କରିବା ପୋଲିସ ପାଇଁ ଜରୁରୀ ହୋଇପଡିଥିବା ବେଳେ ସଂପ୍ରତି ବୁଗୁଡ଼ା ଥାନା ଅସ୍ଥାୟୀ ଆଇଆଇସିରେ ଚାଲିଛି। ସେପ୍ଟେମ୍ବର ୧ରୁ ପ୍ରାକ୍ତନ ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ବଦଳି ପରେ ଏହି ସ୍ଥାୟୀ ପଦବୀଟି ଖାଲିପଡିଛି। ଶର୍ମିଷ୍ଠା ପ୍ରଧାନ ଅସ୍ଥାୟୀ ଭାବେ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି କାମ ତୁଲାଇ ଆସୁଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ମାମଲା ପଞ୍ଜିକୃତ ହେଉଥିବା ବେଳେ ଜଣେ ସ୍ଥାୟୀ ଆଇଆଇସିଙ୍କ ନିଯୁକ୍ତି ଜରୁରୀ ହୋଇପଡିଛି। ଆଗକୁ ଦଶହରା ଓ କୁମାର ପୂର୍ଣ୍ଣିମା ରହିଥିବା ବେଳେ ପରମ୍ପରାର ଦ୍ୱାହି ଦେଇ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଛୋଟବଡ ଜୁଆ ଖେଳର ଆସର ଜମି ଗଲାଣି। ଏଥି ସହ ସହରର ଟ୍ରାଫିକ୍ ବ୍ୟବସ୍ଥା ବିଗିଡିବା ସହ ଚୋରା ମଦ କାରବାର ମଧ୍ୟ ବୃଦ୍ଧି ପାଇଲାଣି। ସ୍ଥାୟୀ ଆଇଆଇସିଙ୍କ ଅଭାବରୁ ବୁଗୁଡ଼ା ଥାନାରେ ବାଘ ନ ଥିଲେ ମିରିଗ ନାଟ ଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏଣୁ ଅଞ୍ଚଳବାସୀଙ୍କ ହିତ ପାଇଁ ବୁଗୁଡ଼ା ଥାନାରେ ଜଣେ ଆଇଆଇସିଙ୍କ ନିଯୁକ୍ତିକୁ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବା ସକାଶେ ଦାବି ହେଉଛି।

# ମୋବାଇଲ ଆପ୍‌ରେ ଲୁଟିଲେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର)**

ସାଇବର ଅପରାଧ ରୋକିବାକୁ ନୟାଗଡ଼ ଜିଲାରେ ଅକ୍ଟୋବର ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ସାଇବର ଅପରାଧ ଉପରେ ସଚେତନତା ଜାରି ରହିଛି। ସାଇବର ଅପରାଧ ନେଇ ସଚେତନତା କରିବା ଉଦ୍ଦେଶ୍ୟରେ ଜିଲା ସାରା ସାଇବର ରଥ ପରିକ୍ରମା କରୁଛି। ରାଜ୍ୟରେ ବି ସାଇବର ସଚେତନତା ଚାଲିଛି। ସେପଟେ ସାଇବର ସଚେତନତା ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ସାଇବର ଠକ ମୋବାଇଲ ଆପ୍‌ରେ ଲୋଭନୀୟ ଅଫର ଦେଇ ନୟାଗଡ଼ ଜିଲାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଜମାକାରୀ ୨୫୦୦ ଟଙ୍କା ଜମାକରି ବର୍ଷକରେ ୩ ଲକ୍ଷ ୬୫ ହଜାର ପାଉଥିଲେ। ବହୁ ଜମାକାରୀ ବିଭିନ୍ନ ପ୍ରକାରର ଲୋଭନୀୟ ଅଫରରେ ଟଙ୍କା ପାଇବା ପରେ ଜମାକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଗାନ୍ଧୀ ଜୟନ୍ତୀର ଅଫର ଥିଲା ୫ ହଜାର ଟଙ୍କା ଦେଲେ ୨୪ ଘଣ୍ଟା ପରେ ୬ ହଜାର ଟଙ୍କା ମିଳିବ। ୩୦ ଦିନ ପର୍ଯ୍ୟନ୍ତ ଦିନକୁ ୧ ହଜାର ଲେଖାଏଁ ଏପରି ଜମାକାରୀ ୩୫ ହଜାର ପାଇଥାନ୍ତେ। ଲୋଭନୀୟ ଅଫରରେ ନୟାଗଡ ଜିଲାରୁ ପ୍ରାୟ ୪ ହଜାର ଜମାକାରୀ ଏଥିରେ ସାମିଲ ହୋଇଥିଲେ। ହେଲେ ଗାନ୍ଧୀ ଜୟନ୍ତୀର ଅଫର ସବୁ କିଛି ବିଗାଡି ଦେଲା। ଗାନ୍ଧୀ ଜୟନ୍ତୀ ଅଫର ତ ପାଇଲେନି ପୂର୍ବରୁ କରିଥିବା ଜମାରାଶିର ଟଙ୍କା ମଧ୍ୟ ଆସିଲା ନାହିଁ। ତେବେ ଟଙ୍କା ବୁଡିଗଲା ବୋଲି ଜମାକାରୀ ଜାଣିଥିଲେ ହେଁ ଏବେ କଳେବଳେ କୌଶଳେ ଟଙ୍କା ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗୁଜରାଟର ଏକ ଚିଟ୍ ଫଣ୍ଡ ସଂସ୍ଥା ଅନ୍‌ଲାଇନରେ ନିଜର ଲୋଭନୀୟ ଅଫର ଦେଇ ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଜମାକାରୀ ବଢ଼ାଇ ଚାଲିଥିଲା । ନୟାଗଡ଼ ଜିଲାର ଜଣେ ଲୋକ ଏଥିରେ ସାମିଲ ହୋଇ ନୟାଗଡ଼ରେ ନିଜର ଚେନ୍ ବଢ଼ାଇବାରେ ଲାଗିଥିଲେ। ୩ ହଜାର ଟଙ୍କା ଡିପୋଜିଟ୍ କଲେ ଜମାକାରୀ ୨୪ ଘଣ୍ଟା ପରେ ଦିନକୁ ୧୫୦ ଟଙ୍କା ହିସାବରେ ୬ମାସରେ ୫୪ ହଜାର ୭୫୦ ଟଙ୍କା ପାଉଥିଲେ। ୧୫୦୦୦ ଟଙ୍କା ସଂସ୍ଥା ନାଁରେ ଡିପୋଜିଟ୍ କଲେ ୨୪ ଘଣ୍ଟା ପରେ ଦିନକୁ ୧୨ଶହ ଲେଖାଏଁ ୬ମାସ ପର୍ଯ୍ୟନ୍ତ ଟଙ୍କା ମିଳୁଥିଲା। ସଂସ୍ଥାର ଲୋଭନୀୟ ଅଫରରେ ଅନେକ ଜମାକାରୀ ସାମିଲ ହୋଇ ସେମାନଙ୍କ ଚେନ ବଢ଼ାଇ ଚାଲିଥିଲେ। ସବୁ କିଛି ଠିକ୍ ଚାଲିଥିଲା। ଏନେଇ ଜଣେ ଜମାକାରୀ କହିଛନ୍ତି, ମୁଁ ଅନ୍‌ଲାଇନ ଚିଟ୍ ଫଣ୍ଡରେ ସାମିଲ ହୋଇ ଲକ୍ଷାଧିକ ଟଙ୍କା ରୋଜଗାର କରିଛି। ମୋ ପରି ନୟାଗଡ଼ ସହରର ଅନେକ ଜମାକାରୀ ଏହାର ଫାଇଦା ନେଇଛନ୍ତି। ମୋର ରୋଜଗାର ବଢ଼ିଥିବାରୁ ଖର୍ଚ୍ଚ ବି ବଢ଼ି ଯାଇଥିଲା। ସବୁ କିଛି ଠିକ୍ ଥିଲା। ତେବେ ଗାନ୍ଧୀ ଜୟନ୍ତୀ ଅଫରରେ ଜମାକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ଯାଇଥିଲା। ଏହା ପରେ ଆକାଉଣ୍ଟକୁ ଆଉ ଟଙ୍କା ଆସିଲାନି। ଅକ୍ଟୋବର ୩ରୁ ଆମେ ଠକେଇର ଶିକାର ହୋଇଗଲୁ। ଅଧିକ ଟଙ୍କା ରୋଜଗାର ପରେ ଆଉ ସଂସ୍ଥାକୁ ନ ଛାଡି ଅଧିକ ଟଙ୍କା ଜମା କରି ଚାଲିଥିଲୁ। ଯାହାକି ଆମର କ୍ଷତି କରିଛି। ଏବେ ମୂଳ ଗଲା ପରେ ଟେନଶନ ବଢ଼ି ଯାଇଛି। ତେବେ ଆଶା ଛାଡିନୁ। ଆମର ନୟାଗଡ଼ ମୁଖ୍ୟ କୋଲକତା ଯାଇଛନ୍ତି। ସେ ଫେରୁଛନ୍ତି। ତାଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବୁ ବୋଲି କହିଛନ୍ତି। ଅନ୍ୟ ଜଣେ ଜମାକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ସାଇବର ଠକେଇ ନେଇ ଆମେ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲୁ। ହେଲେ ସେମାନେ ଆମକୁ କଟକ ପଠାଇ ଦେଲେ। ଆମେ କଟକରେ ଅଭିଯୋଗ କରିଛୁ। କାଳେ ଟଙ୍କା ମିଳିବ ସେଥିପାଇଁ ଅଭିଯୋଗ କରିବାକୁ ଡରୁଛୁ। ଟଙ୍କା ଫେରସ୍ତ ପାଇବାର ଆଶା ମଉଳିଗଲେ ଆମେ ଆମର ଅଭିଯୋଗକୁ ବିଧିବଦ୍ଧ ଭାବେ ଉପସ୍ଥାପନ କରିବୁ ବୋଲି କହିଛନ୍ତି। ଏଭଳି ଠକେଇ କେବଳ ନୟାଗଡ଼ରେ ଘଟିନି ଓଡ଼ିଶା ସମେତ ଅନେକ ରାଜ୍ୟର ଲୋକ ଏଭଳି ଠକେଇର ଶିକାର ହୋଇଥିବା ଶୁଣିବାକୁ ମିଳୁଛି । ନୟାଗଡ଼ ଜିଲାରୁ ୧୦ରୁ ୧୫ କୋଟି ଟଙ୍କା ଠକେଇ ହୋଇଥିବା ପ୍ରାଥମିକ ଭାବେ ଆକଳନ କରୁଛୁ ବୋଲି ସମ୍ପୃକ୍ତ ଜମାକାରୀ କହିଛନ୍ତି।

**ଏପଟେ ସଚେତନତା ସେପଟେ ସାଇବର ଠକେଇ**

- ୨୫୦୦ ଦେଇ ବର୍ଷକରେ ମିଳୁଥିଲା ୩.୬୫ ଲକ୍ଷ
- ଗାନ୍ଧୀ ଜୟନ୍ତୀ ପରଠାରୁ ଆକାଉଣ୍ଟକୁ ଆସିଲା ନାହିଁ ଟଙ୍କା
- ଗାଏବ ହୋଇଗଲା ମୋବାଇଲରୁ ଆପ୍
- ଗାନ୍ଧୀ ଜୟନ୍ତୀ ଅଫରରେ ଫସିଗଲେ ୪ ହଜାରରୁ ଊର୍ଦ୍ଧ୍ୱ ଜମାକାରୀ

### ୨ ଦିନ ଧରି ଖାଲରେ ପଡିଥିବା ଷଣ୍ଢ ଉଦ୍ଧାର ପରେ ମୃତ୍ୟୁ



**ଭାପୁର,୧୦।୧୦(ଭରତ କୁମାର ବେହେରା):** ଭାପୁର ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମରେ ଗୋଟିଏ ଅସୁସ୍ଥ ଷଣ୍ଢ ଦୁଇଦିନ ଧରି ଏକ ଖାଲରେ ପଡ଼ି ରହିଥିଲା। ଟିକିରିପଡା ଗ୍ରାମର କଲ୍ୟାଣ କ୍ଲବର ଯୁବଗୋଷ୍ଠୀ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ଖାଲରୁ ସୋମବାର ଷଣ୍ଢକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଆବଶ୍ୟକ ଚିକିତ୍ସା କରି ଗ୍ରାମକୁ ଆଣିଥିଲେ। ହେଲେ ମଙ୍ଗଳବାର ଅପରାହ୍ନ ଷଣ୍ଢଟିର ମୃତ୍ୟୁ ଘଟିଥିଲା। କଲ୍ୟାଣ କ୍ଲବର ଯୁବଗୋଷ୍ଠୀ ନିଜସ୍ୱ ଖର୍ଚ୍ଚରେ ସଂକୀର୍ତ୍ତନ କରି ଏକ ଟ୍ରାକ୍ଟରରେ ଷଣ୍ଢର ମୃତଦେହକୁ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଟିକିରିପଡା ଶ୍ମଶାନରେ ପୋତିଦେଇ ଥିଲେ। କଲ୍ୟାଣ କ୍ଲବର ସଭାପତି କହିଛନ୍ତି, ପଣ୍ଡିତଙ୍କ ପରାମର୍ଶ ଅନୁଯାୟୀ ଷଣ୍ଢର ଶୁଦ୍ଧିକ୍ରିୟା କରାଯିବ ।

## ଇଟାମାଟିରେ 'ମୋ ଦଳ'ର ଜିଲା ସମ୍ମିଳନୀ



ଜିଲା ସମ୍ମିଳନୀରେ ଯୋଗଦେଇଥିବା 'ମୋ ଦଳ'ର ସମର୍ଥକମାନେ।

**ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା 'ମୋ ଦଳ' ସଭାପତି ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ଦଳର ସାଙ୍ଗଠନିକ ସମ୍ମିଳନୀ ଇଟାମାଟି ଜଗନ୍ନାଥ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଦଳର ମହାସଚିବ ପ୍ରଦୀପ ପ୍ରଧାନ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଘରୋଇ ହସ୍ପିଟାଲ ଓ ସରକାରୀ ସ୍କୁଲରେ ମୋଟା ଦରମା ଏବଂ ଭିତ୍ତିଭୂମି ସତ୍ତ୍ୱେ ପାଠ ପଢ଼ା କାହିଁକି ହେଉନି ବୋଲି ପଚାରିଥିଲେ। ଦଳର ପ୍ରଚାର କମିଟି ଅଧ୍ୟକ୍ଷ ତଥା ମୁଖପାତ୍ର ଶେଷ ଦେବ ନନ୍ଦ କହିଲେ, ମୋ ଦଳ ଶାସନକୁ ଆସିଲେ ଚାଷୀ ପେନଶନ ମାସିକ ୫୦୦୦୦ଟଙ୍କା ହେବ। ଚାଷୀ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଇବ। ବୃଦ୍ଧାବୃଦ୍ଧଙ୍କ ଭତ୍ତା ୨ ହଜାର ଟଙ୍କା ହେବ, ବେକାରୀ ନିଯୁକ୍ତି ସହ ପ୍ରତ୍ୟକ ପରିବାର ଭଲରେ ଚଳିପାରିବା ଭଳି ସୁବ୍ୟବସ୍ଥା କରାଯିବ। ବିନା ଅର୍ଥରେ ଶିକ୍ଷା ଓ ସ୍ୱାସ୍ଥ୍ୟର ସବୁ ସୁବିଧା ଯୋଗାଇଦିଆ ଯିବ ବୋଲି ବାମପନ୍ଥୀ ନେତା ଅବକାଶ ସାହୁ କହିଥିଲେ। ଜିଲା ଉପସଭାପତି ରଣଜିତ୍ ଦଳବେହେରା କହିଥିଲେ, ଓଡ଼ିଶାରେ ବିପୁଳ ପ୍ରାକୃତିକ ସମ୍ପଦ ରହିଛି। ତେବେ ସାଧାରଣ ଲୋକ ସୁଫଳ ପାଉ ନାହାନ୍ତି। ସଭାପତି ମହେଶ୍ୱର ଜେନା କହିଥିଲେ,କୃଷି ଦ୍ରବ୍ୟର ମୂଲ୍ୟ ଓ ପେନଶନ ପାଇଁ ନୂଆ ସରକାରଙ୍କ ପାଖକୁ ଦୌଡିବାକୁ ପଡିବ ନାହିଁ। ତାହାର ସୁରକ୍ଷା ଓ ପ୍ରାପ୍ୟର ବ୍ୟବସ୍ଥା ପାଇଁ ସରକାର ନିଜ ଆଡୁ ଅଣ୍ଟା ଭିଡିବେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବ୍ଲକ ସଭାପତି ଅଜୟ ମହାନ୍ତି, ଅଭିମନ୍ୟୁ ଗୁମାନ ସିଂପ୍ରମୁଖ ଉପସ୍ଥିତ ଥିଲେ ।

### ବେଆଇନ ମାଙ୍କଡା ପଥର ଚାଲାଣ

**ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର):** ବେଆଇନ ଭାବେ ମାଙ୍କଡା ପଥର ଚାଲାଣ ହେଉଥିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଏକ ଟ୍ରାକ୍ଟର ବୋଝେଇ ମାଙ୍କଡା ପଥର ଜବତ କରିଛି।

**ଟ୍ରାକ୍ଟର ଡ୍ରାଇଭର ଜେଲଗଲେ**

ଏହି ଘଟଣାରେ ଟ୍ରାକ୍ଟର ଡ୍ରାଇଭର ଓଡ଼ଗାଁ ଥାନା ଧୋବାସାହିର ସୁରେଶ ଚନ୍ଦ୍ର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଡ୍ରାଇଭରଙ୍କୁ ଜେଲକୁ ପଠାଯାଇଛି। ଓଡ଼ଗାଁର କୋମଣ୍ଡରୁ ମାଙ୍କଡା ପଥର ଶରଣକୁଳ ଆସୁଥିବାବେଳେ ପଞ୍ଚରିଡାଠାରୁ ଜବତ କରାଯାଇଥିଲା ।

### ପୋଷାକ ବଣ୍ଟନ, ଚାରାରୋପଣ

**ପାତ୍ରପୁର,୧୦।୧୦(ଉମାଚରଣ ନେପାକ):** ପାତ୍ରପୁର ବ୍ଲକ ଗୁଣ୍ଡୁରା ଶିକ୍ଷା କ୍ଲଷ୍ଟର ଅନ୍ତର୍ଗତ କଇଠା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପୋଷାକ ବଣ୍ଟନ ଓ ଚାରାରୋପଣ ପ୍ରଧାନଶିକ୍ଷକ କେ. ଦାସେୟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ କେ.କୃଷ୍ଣମୂର୍ତ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ।

## ସାଇବର ସୁରକ୍ଷା ସଚେତନତା



ବାଲିଗୁଡ଼ା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

**ବାଲିଗୁଡା/ତୁମୁଡ଼ିବନ୍ଧ,୧୦।୧୦ (ସଞ୍ଜୟ କୁମାର ପାଣିଗ୍ରାହୀ/ ଦୀପକ ପରାସେଠ)**

ବାଲିଗୁଡା ଥାନା ଦ୍ୱାରା ସୋମବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଧାୟକ ଚକ୍ରମଣି କହଁର, ଏମପି ପ୍ରତିନିଧି ଚୁନା ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ଏନଏସି. ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଶାବତୀ ମଳିକ, ଡିଏସପି କନ୍ଧମାଳ ହୃଷିକେଶ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ବାଲିଗୁଡା ଭାରପ୍ରାପ୍ତ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ସହରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ରହି ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହାପରେ ଆଦିବାସୀ ମହାବିଦ୍ୟାଳୟ ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ବାଲିଗୁଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ମାନସ ମଣ୍ଡଳ, ସହକାରୀ ବନରକ୍ଷୀ ମନୋରଞ୍ଜନ ବାଗ, ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ଫୁଲବାଣୀ ସାଇବର ଏକ୍ସପର୍ଟ ସମୀୟା ରଞ୍ଜନ ସାହୁ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଧ୍ୟ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ତୁମୁଡିବନ୍ଧ ଥାନା ଅଞ୍ଚଳରେ ସାଇବର ରଥ ପହଞ୍ଚି ଅଞ୍ଚଳବାସୀଙ୍କୁ ସଚେତନ କରିଛି। ଆମ୍ବେଦକର ଛକ ନିକଟରେ ଆୟୋଜିତ ସଭାରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା, ପୂର୍ବତନ ବାଲିଗୁଡା ବିଧାୟକ ରାଜୀବ ପାତ୍ର, ବରିଷ୍ଠ ସମାଜସେବୀ ଜୋହାନ ବାରିକ, ନେତାଜୀ ସୁବାଷ ବୋଷ ଜୁନିଅର କଲେଜ ଅଧ୍ୟକ୍ଷ ଡ଼ଃ ସୁନୀଲ କୁମାର ପାତ୍ର, ନେତାଜୀ ସୁବାଷ ବୋଷ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ବିଶେଶ୍ୱର ଆଚାର୍ଯ୍ୟ, କଲେଜର ସମସ୍ତ ଅଧାପିକା ଅଧାପକ ଏବଂ ତୁମୁଡିବନ୍ଧ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୨୦୩୦ ସୁଦ୍ଧା ଗ୍ରାମାଞ୍ଚଳର ସ୍ଥାୟୀ ବିକାଶ ଲକ୍ଷ୍ୟ

**ପଞ୍ଚାୟତ ବିକାଶ ସୂଚକାଙ୍କ ସମୀକ୍ଷା**

**ଛତ୍ରପୁର,୧୦।୧୦(ଦିଲ୍ଲୀପ ସାମଲ /ସନ୍ତୋଷ ପାଢ଼ୀ):** ଆଗାମୀ ୨୦୩୦ ସୁଦ୍ଧା ଗ୍ରାମାଞ୍ଚଳର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ଦେଶର ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ପ୍ରମୁଖ ବିକାଶ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନମାନଙ୍କ ଦ୍ୱାରା କରାଯାଉଥିବା ଉତ୍ତମ କାର୍ଯ୍ୟକୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଆସନ୍ତା ଦିନରେ ଆହୁରି ଭଲ ପ୍ରଦର୍ଶନ କରିବାରେ ଉତ୍ସାହିତ ସକାଶେ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଏକ ପୁରସ୍କାର ଯୋଜନା ପ୍ରତିଷ୍ଠା କରାଯାଇଛି। ଦେଶରେ ଏହି ଯୋଜନା ଅଧୀନରେ 'ଜାତୀୟ ପଞ୍ଚାୟତ ପୁରସ୍କାର' (ଜିଲା, ବ୍ଲକ, ପଞ୍ଚାୟତ)କୁ ସ୍ଥାନୀୟ ପ୍ରାଥମିକତା ଅଧୀନରେ ୯ଟି ଚିହ୍ନିତ ବିଷୟ ବସ୍ତୁ ଉପରେ ଅନୁଧାନ କରି ବିଭିନ୍ନ ପ୍ରାଥମିକ କ୍ଷେତ୍ର ଅଧୀନରେ ସେବା ତଥା ସାଧାରଣ ସାମଗ୍ରୀର ବିତରଣରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ଉତ୍ତମ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରାଯାଇଥାଏ। ସ୍ଥାୟୀ ବିକାଶ ଲକ୍ଷ୍ୟକୁ ନେଇ ଏହି ୯ଟି ବିକାଶ ଧାରା କାର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟମୁକ୍ତ, ବର୍ଦ୍ଧିତ ଜୀବିକା, ସ୍ୱାସ୍ଥ୍ୟବାନ, ଶିଶୁ ଅନୁକୂଳ, ପର୍ଯ୍ୟାପ୍ତ ଜଳ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି, ସାମାଜିକ ସୁରକ୍ଷା, ସୁଶାସନ ପଞ୍ଚାୟତ, ମହିଳା ଅନୁକୂଳ ପୂର୍ଣ୍ଣ । ଏଥିସହ କାର୍ବନ ନିରପେକ୍ଷେ ଏବଂ ଗ୍ରାମ ଉର୍ଜା ସ୍ୱରାଜ ପୁରସ୍କାର (ପଞ୍ଚାୟତ ପାଇଁ) ସ୍ୱତନ୍ତ୍ର ବର୍ଗ ପୁରସ୍କାର ମଧ୍ୟ ପ୍ରତିଷ୍ଠା କରାଯାଇଛି। ସର୍ବଭାରତୀୟସ୍ତରରେ ଗଞ୍ଜାମ ଜିଲ୍ଲାକୁ ଶ୍ରେଷ୍ଠ ଜିଲା ଭାବେ 'ନ୍ୟାସନାଲ ପଞ୍ଚାୟତ ଆୱାର୍ଡ-୨୦୨୩' ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବ୍ଲକ ଭାବେ ହିଞ୍ଜିଳିକାଟୁ 'ବେଷ୍ଟ ବ୍ଲକ ପଞ୍ଚାୟତ ଆୱାର୍ଡ ଇନ ଇଣ୍ଡିଆ' ପୁରସ୍କାର ମିଳିଥିଲା। ଏହାସହ ଆଉ ୪ଟି ଜାତୀୟ ପଞ୍ଚାୟତ ପୁରସ୍କାର ହାସଲ କରି ଗଞ୍ଜାମ ଜିଲା ଗୌରବ ଆଣିଥିଲା ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ୨୦୩୦ ସୁଦ୍ଧା ବିକାଶ ଲକ୍ଷ୍ୟରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଭର୍ଚୁଆଲ ମାଧ୍ୟମରେ ସାମିଲ ହୋଇଥିଲେ। ଜିଲା ପରିଷଦର ପ୍ରୋଗ୍ରାମ ମ୍ୟାନଜର (ପ୍ରଶିକ୍ଷଣ) ବାଣି ସୁକାନ୍ତ ପଟ୍ଟନାୟକ, ଜିଲା ପରିଷଦର (ରାଷ୍ଟ୍ରୀୟ ଗ୍ରାମ୍ୟ ସଶକ୍ତିକରଣ) ଡିପିଏମ ଦୀପକ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗର ପାଠଚକ୍ର

**ପାରଳାଖେମୁଣ୍ଡି,୧୦।୧୦ (ଗିରିଧାରୀ ପରିଛା)**

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। ପ୍ରଥମ ବର୍ଷ ନୂତନ ଛାତ୍ରୀମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ଡ. ରୀନା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ତଥା ମାର୍ଜିତ ହେବା ସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀମାନଙ୍କୁ ଯଥୋଚିତ ବ୍ୟବହାର ପ୍ରଦର୍ଶନ କରିବା ପାଇଁ କିପରି ଯତ୍ନବାନ ହେବେ ସେ ସମ୍ବନ୍ଧରେ ଉପଦେଶ ଦେଇଥିଲେ। ବିଭାଗୀୟ ଅଧାପିକା ଡ଼ କଲ୍ୟାଣୀ ମିଶ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତରେ ବ୍ୟକ୍ତିଗତ ଆଦର୍ଶ ଜୀବନଯାପନ କରିବା ପାଇଁ ସକ୍ଷମ ହୋଇପାରିବେ ବୋଲି ଉପଦେଶ ଦେଇଥିଲେ। 'ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା' ଶୀର୍ଷକ ଏକ ପାଠଚକ୍ର ଆୟୋଜିତ ହୋଇଥିଲା।

## ସରକାରଙ୍କ ବିକାଶ ବାର୍ତ୍ତା କହିଲେ ଏମ୍‌ପି, ବିଧାୟକ




**ଛତ୍ରପୁର,୧୦।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)**

ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ୨୦ନଂ ଜିଲାପରିଷଦ ଜୋନ ଅନ୍ତର୍ଗତ କାଳୀପଲ୍ଲୀ ପଞ୍ଚାୟତରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ସୁବାସ ଚନ୍ଦ୍ର ବେହେରା ସରକାରଙ୍କ ନିରନ୍ତର ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇଛନ୍ତି। ଏହି ପଦଯାତ୍ରାରେ ଜିଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, କାଳୀପଲ୍ଲୀ ସରପଞ୍ଚ ବି. ଲକ୍ଷ୍ମୀ ପାତ୍ର, ସମିତି ସଭ୍ୟ ବିକାଶ କୁମାର ବେହେରା, ଯୁବନେତା ବି. ଚନ୍ଦ୍ରମଣି ପାତ୍ର, ପୂର୍ବତନ ବ୍ଲକ ଉପାଧକ୍ଷା ଅମିତା ସାହୁ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ସନମୁଖ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ଯୁବ ବିଜେଡି ଜିଲା ଉପସଭାପତି ଅକ୍ଷୟ ସ୍ୱାଇଁ, ଜିଲା ସମ୍ପାଦକ ରାଜେଶ ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ବ୍ୟସ୍ତବହୁଳ ଜୀବନଶୈଳୀ ମାନସିକ ରୋଗର କାରଣ

**ବିଶ୍ୱ ମାନସିକ ସାସ୍ଥ୍ୟ ଦିବସ ପାଳିତ**

**ଭାପୁର,୧୦।୧୦(ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ବିଶ୍ୱ ମାନସିକ ସାସ୍ଥ୍ୟ ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଭାପୁର କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ବନିଲ କୁମାର ଖଟାଇ ଏଥିରେ ସଭାପତିତ୍ୱ କରି ବର୍ତ୍ତମାନ ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ବୟସର ଲୋକମାନେ ମାନସିକ ଚାପର ଶିକାର ହେଉଛନ୍ତି। ଯାହାଦ୍ୱାରା ଅନେକ ରୋଗ ଅକାରଣରେ ମାଡ଼ି ବସୁଛି। କିନ୍ତୁ ଏତେ ସବୁ ପରେ ବି ଅଧିକାଂଶ ଲୋକ ମାନସିକ ସ୍ୱାସ୍ଥ୍ୟ ପ୍ରତି ଆଦୌ ସଚେତନ ନୁହଁନ୍ତି। ବ୍ୟସ୍ତ ବହୁଳ ଜୀବନ ଶୈଳୀ ସହ ବିଭିନ୍ନ ସମସ୍ୟା କାରଣରୁ ବହୁ ଲୋକେ ଚିନ୍ତାଗ୍ରସ୍ତ ରହିଥାନ୍ତି। ଫଳରେ ମାନସିକ ରୋଗର ଉତ୍ପତ୍ତି ହୋଇଥାଏ। କିପରି ଜଣେ ମାନସିକ ରୋଗୀ ମାଗଣା ଆଇନ ସେବା ପାଇ ପାରିବ ଓ କ'ଣ ସୁବିଧା ପାଇପାରିବ ତା'ର ବିସ୍ତୃତ ବିବରଣୀ ସେ ବର୍ଣ୍ଣନା କରିଥିଲେ। ମାନସିକ ରୋଗୀ ମାନଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ଉତ୍ସର୍ଗୀକୃତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ତାଲୁକ ସେବା ଆଇନର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ବାରିକ ସଭାରେ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡ. ବିଶ୍ୱନାଥ ସାହୁ ଯୋଗଦେଇ କହିଲେ ବିଭିନ୍ନ ପ୍ରକାର ମାନସିକ ରୋଗୀ ଅଛନ୍ତି। ସେମାନଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରିବା ସହିତ ଯୋଗ ତଥା ବ୍ୟାୟାମ କରିବା ଓ ନିୟମିତ ଔଷଧ ସେବନ କରିବା ପାଇଁ ଦେଲେ କିଛି ମାତ୍ରାରେ ମାନସିକ ଅବସାଦ ଦୂର ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଆଇନଜୀବୀ କେଦାର ନାଥ ସାହୁ, ଆଇନଜୀବୀ ନୀଳମଣି ବେହେରା ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଓକିଲ କେଦାର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସଭାରେ ମଞ୍ଚାସୀନ ଅତିଥି।

# ବିଦ୍ୟାଳୟ ମିଶ୍ରଣ ସମସ୍ୟା ଏବେ ବି ତୁଟିନି

- ମିଶ୍ରଣ ପ୍ରକ୍ରିୟା ରୋକିବା ପାଇଁ ହୋଇଥିଲା ପ୍ରୟାସ
- ଲୋକଙ୍କୁ ସମ୍ମୁଖୀନ ହେବାକୁ ପ୍ରତିନିଧିଙ୍କୁ ଲାଗୁଛି ଡର

କେନ୍ଦ୍ରାପଡ଼ା, ୧୦।୧୦ (ଜଗନ୍ନାଥ ଧଳ)

ପୂର୍ବରୁ ବିଦ୍ୟାଳୟ ମିଶ୍ରଣ ପ୍ରସଙ୍ଗ ପୁଣି ଥରେ ଆଗକୁ ଆସିଛି। ଶିକ୍ଷା ବିଭାଗର ଏହି ନିଷ୍ପତ୍ତି ଅଭିଭାବକଙ୍କ ଅସନ୍ତୋଷର କାରଣ ହୋଇଥିବା ବେଳେ ସମାଧାନ ପ୍ରତିଶ୍ରୁତି ସ୍ଥାନୀୟ ଲୋକ ପ୍ରତିନିଧି ଦେଇପାରୁନାହାନ୍ତି। ଜିଲାର ୨୧୭ଟି ସ୍କୁଲରେ କମ ଶିକ୍ଷାର୍ଥୀ ଥିବା ଦର୍ଶାଇ ୨୦୨୦ରେ ନିକଟସ୍ଥ ଅନ୍ୟ ସ୍କୁଲରେ ମିଶ୍ରଣ କରାଯାଇଛି। ତତ୍କାଳୀନ ସମୟରେ ଏହି ମିଶ୍ରଣକୁ ବିରୋଧ କରି ଜିଲାର ଅଭିଭାବକମାନେ ବହୁବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମିଶ୍ରଣ ପ୍ରକ୍ରିୟାକୁ ରୋକିବା ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କ ଉପରେ ଚାପ ପ୍ରୟୋଗ ହୋଇଥିଲା। ଏହାସତ୍ତ୍ୱେ ଶିକ୍ଷା ବିଭାଗର ନିଷ୍ପତ୍ତିକୁ ବଦଳାଇବା ଲୋକ ପ୍ରତିନିଧିଙ୍କ ପାଇଁ ସମ୍ଭବ ହୋଇ ପାରିନାହିଁ। କୋମଳମତି ପିଲାଙ୍କୁ ଘରଠାରୁ ଦୂର ସ୍କୁଲକୁ ଛାଡ଼ିବାକୁ ଏଯାଏ ଅଭିଭାବକମାନେ ରାଜି ହୋଇନାହାନ୍ତି।

କଂସାର ଗ୍ରାମର ନିରଞ୍ଜନ ପରିଡା କହିଛନ୍ତି, ପ୍ରଥମରୁ ହାଇସ୍କୁଲ ଯାଏ ପିଲାମାନଙ୍କର ବାହାର ଦୁନିଆ ସହିତ ସମ୍ପର୍କ ସାଧାରଣରେ ନ ଥାଏ। ଗ୍ରାମ ନିକଟ ସ୍କୁଲରେ ପାଠ ପଢ଼ିଥାନ୍ତି। ତେବେ କମ ପିଲା ଦର୍ଶାଇ କେନ୍ଦ୍ରାପଡ଼ା ଜିଲାର ୨୧୭ଟି ବିଦ୍ୟାଳୟକୁ ୨ରୁ ୫ କିଲୋମିଟର ପର୍ଯ୍ୟନ୍ତ ଦୂରରେ ଥିବା ସ୍କୁଲରେ ମିଶାଇ ଦିଆଯାଇଛି। ଏଥିରେ ସର୍ବାଧିକ କୋମଳମତି ପିଲାମାନେ ଶିକାର ହୋଇଛନ୍ତି। ଜିଲାର ୩ଟି ହାଇସ୍କୁଲ, ୪ଟି ଉଚ୍ଚ ପ୍ରାଥମିକ ସ୍କୁଲ ଏହି ମିଶ୍ରଣରେ ଥିବା ବେଳେ ୨୧୦ଟି ପ୍ରାଥମିକ ବିଦ୍ୟାଳୟ ଅଛି। ୧୦ ବର୍ଷୀୟ ଶିକ୍ଷାର୍ଥୀମାନେ ସାଧାରଣରେ ଚପଳତାର ଶିକାର ହୋଇଥାନ୍ତି। ରାସ୍ତାରେ ଗାଡ଼ି ମୋଟର ଯାତାୟାତ ସହିତ ବୁଲା ପ୍ରାଣୀ, ପକ୍ଷୀଙ୍କ ଶିକାର ହେବା କୌଣସି ଅପ୍ରାସଙ୍ଗିକ ନୁହେଁ। ସେହିପରି ଏହି ଜିଲା




ନଦୀ ନାଳଭରା ହୋଇଥିବା ବେଳେ ଗମନାଗମନ ପଥ ସୁବିଧା ନାହିଁ। କେଉଁ ଅଭିଭାବକ ନିଜର ପିଲାଙ୍କ ଶିକ୍ଷା ପାଇଁ ଦୁର୍ଘଟଣାରେ ଜୀବନ ନଷ୍ଟ କରିବାକୁ ଦେବ। ମାର୍ଶାଘାଇର ଆଲୋକ କୁମାର ଦାସ କହିଛନ୍ତି, ସ୍କୁଲ ମିଶ୍ରଣର ପ୍ରଭାବ ମାର୍ଶାଘାଇ ସରକାରୀ ବାଳିକା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ କେବଳ ବାଳିକାମାନେ ପାଠ ପଢ଼ୁଥିଲେ। ଏବେ ଏହି ସ୍କୁଲରେ ବାଳକମାନେ ପାଠ ପଢ଼ୁଛନ୍ତି। ଏଥିପାଇଁ ବାଳିକା ହାଇସ୍କୁଲକୁ ନୋଡାଲ ହାଇସ୍କୁଲ ଭାବେ ପରିଣତ କରାଯାଇଛି। ଜିଲାର ମିଶ୍ରଣ ହୋଇଥିବା ସ୍କୁଲର ଭିତ୍ତିଭୂମି ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେଉଛି। ଏହି ସ୍କୁଲ ଅନ୍ୟ କୌଣସି ଅନୁଷ୍ଠାନରେ ପରିଣତ ହେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ କାର୍ଯ୍ୟରେ ଆସିପାରନ୍ତା। ଏହା ନ ହେଲେ ଏହି ସରକାରୀ ସ୍କୁଲରେ ବିନିଯୋଗ ହୋଇଥିବା ଅର୍ଥ ନଷ୍ଟ ହୋଇଯିବ। ଦେପୁର ଗ୍ରାମର ଜଗଦୀଶ ପତି କହିଛନ୍ତି, ଶିକ୍ଷା ବିଭାଗ ବିଦ୍ୟାଳୟ ମିଶ୍ରଣ ନେଇ ବିଜ୍ଞପ୍ତିରେ ସିଡ୍ୟୁଲ ଏରିଆର ୨୫ଜଣ ଓ ଅଣସିଡ୍ୟୁଲ ଏରିଆର ୨୦ଜଣ ଶିକ୍ଷାର୍ଥୀ କମ୍ ଥିଲେ ନିକଟସ୍ଥ ସ୍କୁଲରେ ମିଶ୍ରଣ କରିଛନ୍ତି। ଏହାକୁ ନେଇ ତତ୍କାଳୀନ ସମୟରେ ବହୁ ରାସ୍ତାରୋକୋ ହୋଇଛି। ସରପଞ୍ଚ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଭାବକ ଦ୍ୱାରସ୍ଥ ହୋଇଛନ୍ତି। ଏଥିରୁ ସୁଫଳ ନ ମିଳିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟକୁ ଯାଇଛନ୍ତି। ତେବେ ଶିକ୍ଷା ବିଭାଗ ସ୍କୁଲ ମିଶ୍ରଣକୁ କୋର୍ଟ ସମର୍ଥନ ଦେବାରୁ ଅଭିଭାବକମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସତ୍ୟବ୍ରତ



@ ଅମୃତା



@ ସତ୍ୟଜିତ୍



@ ତୋଫାନ



@ ଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଂଗ୍ରେସ ଆସିଲେ ପାଟକୁରାର ବିକାଶ ହେବ




ପଦଯାତ୍ରରେ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ।

ପାଟକୁରା, ୧୦।୧୦ (ରବୀନ୍ଦ୍ର ନାଥ ବାରିକ)

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ମଙ୍ଗଳବାର ପାଟକୁରା କଂଗ୍ରେସ ପକ୍ଷରୁ ଗରଦପୁର ବ୍ଲକର ୧୧ ନଂ. ଜିଲା ପରିଷଦ ଜୋନରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଏବଂ ପଦଯାତ୍ରା ଆରମ୍ଭ ହୋଇଛି। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ମହିଳା କଂଗ୍ରେସ କର୍ମୀମାନେ ପଦ୍ମପୁର ପଞ୍ଚାୟତର ହନୁମାନ ମନ୍ଦିର ନିକଟରୁ ବାହାରି କିଣିଲା, ବିଚଣାନୂଆପଡ଼ା, ହରିଦାସପୁର, କୂଳଟୁଠି ଦେଇ ବେଡାରି ପଞ୍ଚାୟତର ଗଜଲକ୍ଷ୍ମୀ ମଣ୍ଡପଠାରେ ଶେଷ ହୋଇଛି। କଂଗ୍ରେସ ଆସିଲେ ଅଞ୍ଚଳର ବିକାଶ ହେବ ବୋଲି କୁହାଯାଇଛି। ପଦଯାତ୍ରାରେ କଂଗ୍ରେସ ନେତା କାନୁନ୍‌ଗୋ କହିଥିଲେ, ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପକ୍କାଘର, ବାଲିଘାଟ, ଧାନକିଣା, ଜଳସେଚନ, ଅଙ୍ଗନୱାଡ଼ି ଛତୁଆ, ନଦୀବନ୍ଧ ନିର୍ମାଣ, ଲୁଣା ବନ୍ଧ ନିର୍ମାଣ, ସମବାୟ, ବିହନ, ଜଙ୍ଗଲ ଜମି, ବୃକ୍ଷରୋପଣ ଦୁର୍ନୀତି ହୋଇଛି। ସେହିପରି କେନ୍ଦ୍ର ସରକାର ବର୍ଷକୁ ୨କୋଟି ଶିକ୍ଷିତ ଯୁବତୀଯୁବକଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ। ବିଦେଶରେ ଥିବା ସମସ୍ତ କଳାଧନ ଦେଶକୁ ଫେରାଇ ଆଣିବା ପାଇଁ କୁହାଯାଇଥିଲା ହେଲେ ଏହା ସମ୍ଭବ ହୋଇନାହିଁ। କୃଷକଙ୍କର ଆୟ ୨୦୨୦ ସୁଦ୍ଧା ଦ୍ୱିଗୁଣିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କୃଷକଙ୍କର ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ଏହା ବହୁପରିମାଣରେ କମିଛି, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ, ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ଦରଦାମ ଆକାଶ ଛୁଆଁ ସହ ଚୁଡ଼ା, ମୁଢ଼ି, ଗୁଡ, ଛତୁଆ, ଦହି ଆଦି ଉପରେ ଜିଏସ୍‌ଟି ଲାଗୁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ। ଦରଦାମ ବୃଦ୍ଧି ଯୋଗୁ ଗରିବ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ହନ୍ତସନ୍ତ ହେଉଛନ୍ତି। ଏକ ନେଶନ ଏକ ଟ୍ୟାକ୍ସେସନ ସମ୍ପୂର୍ଣ୍ଣ ମିଥ୍ୟାରେ ପରିଣତ ହୋଇଛି। ଏହାଛଡ଼ା ୨୦୨୨ ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇବା ଏବଂ ୧୦୦ଟି ସ୍ମାର୍ଟସିଟିର ପ୍ରତିଶ୍ରୁତି ପୂରଣ ହେଲା ନାହିଁ। କୃଷକଙ୍କ ଆୟବୃଦ୍ଧି ପାଇଁ ଜାତୀୟ କୃଷି ବଜାର ଗଠନ ଏବଂ ୫୯ମିନିଟ୍‌ରେ ବ୍ୟବସାୟୀଙ୍କୁ ବ୍ୟାଙ୍କରୁ ଋଣ ଦେବା ପାଇଁ ପ୍ରତିଶ୍ରୁତି ଆଜି ପାଣିରେଗାର ହୋଇଛି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡ଼ା, କଂଗ୍ରେସ ନେତା ସୁବାସ ସାମଲ, ଜିଲା ଉପସଭାପତି ନିରଞ୍ଜନ ରାଉତ, ଅନ୍ନପୂର୍ଣ୍ଣା ପୃଷ୍ଟି, ପ୍ରଦୀପ ଲେଙ୍କା, ରଞ୍ଜନ ପରିଜାଙ୍କ ସମେତ ବହୁ ମହିଳା କଂଗ୍ରେସ ଓ ଯୁବ ଛାତ୍ର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ବିଲ ମଝିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ସାଇକେଲ ପଡ଼ିଥିବା ସ୍ଥାନରୁ ୧ କିମି ଦୂରରେ ମୃତଦେହ ମିଳିଲା**

କୁଜଙ୍ଗ, ୧୦।୧୦ (ମନୋଜ ପ୍ରଧାନ)

ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ନନ୍ଦ କିଶୋର ନାୟକ (୫୧) ସୋମବାରଠାରୁ ନିଖୋଜ ଥିଲେ। ମଙ୍ଗଳବାର ସକାଳେ କୁଜଙ୍ଗ ଥାନା ଅନ୍ତର୍ଗତ ଏକ ବିଲ ମଝିରୁ ତାଙ୍କ ମୃତଦେହ ମିଳିଛି। ଖବରପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛି। ରିପୋର୍ଟ ଲେଖାହେଲା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। ଏ ସମ୍ପର୍କରେ କୁଜଙ୍ଗ ସବ୍‌ଇନ୍ସପେକ୍ଟର ବିବେକାନନ୍ଦ ସାହୁ କହିଛନ୍ତି, ପରିବାର ଲୋକେ ରିପୋର୍ଟ ଦେଲାପରେ ମାମଲା ରୁଜୁ କରାଯାଇ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳୁ ପିମ୍ପୁଳା ଘାସ କାଟିବା ପାଇଁ ନନ୍ଦକିଶୋର ଏରସମା ବ୍ଲକ ଅନ୍ତର୍ଗତ ଅନ୍ଧାରି ଗ୍ରାମ ଆଡକୁ ଯାଉଥିବା କହିଥିଲେ। ଏନେଇ ସେ ଘରୁ ଏକ ସାଇକେଲ ନେଇଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ପକ୍ଷରୁ ନନ୍ଦକିଶୋରଙ୍କ ନିଖୋଜ ସମ୍ପର୍କରେ ମଙ୍ଗଳବାର ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲା। ଏହାର କିଛି ସମୟପରେ କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁରସ୍ଥିତ ଏକ ବିଲ ହୁଡାରେ କିଶୋରଙ୍କ ସାଇକେଲ ପଡ଼ିଥିବା ନେଇ ପରିବାର ଲୋକଙ୍କୁ ଖବର ମିଳିଥିଲା। ତୁରନ୍ତ ସେମାନେ ସେଠାରେ ପହଞ୍ଚି ନନ୍ଦକିଶୋରଙ୍କ ସାଇକେଲ ଚିହ୍ନଟ କରି ଆଖପାଖରେ ଖୋଜାଖୋଜି କରିଥିଲେ। ସାଇକେଲ ପଡ଼ିଥିବା ସ୍ଥଳରୁ ପ୍ରାୟ ୧ କିଲୋମିଟର ଦୂର ଗହୀର ବିଲର ଏକ ମାଟି ଡ୍ରେନ ମଝିରୁ ନନ୍ଦକିଶୋରଙ୍କ ମୃତଦେହ ମିଳିଥିଲା। ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ସାପ କାମୁଡ଼ା କିମ୍ବା ଅଂଶୁଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ନନ୍ଦକିଶୋର ଜଣେ ଗରିବ ଶ୍ରେଣୀର ହୋଇଥିବାବେଳେ ପରିବାରରେ ସ୍ତ୍ରୀ, ୪ ଝିଅ ଓ ପୁଅ ଅଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାମାଜିକ କର୍ମୀ ରଞ୍ଜନ ବର୍ଦ୍ଧନ ଦାବି କରିଛନ୍ତି।

# ମା'ଙ୍କ ପାଇଁ ହଜିଯାଇଛି ନୀଳକଇଁ

ଯାଜପୁର, ୧୦।୧୦ (ହର୍ଷବର୍ଦ୍ଧନ ବେହେରା):

ପାର୍ବଣର ସାଜସଜ୍ଜା ଆରମ୍ଭ ହୋଇ ଯାଇଛି। ଶାରଦୀୟ ଦୁର୍ଗାପୂଜା ପାଇଁ ମେଢ଼ ନିର୍ମାଣ ହେବା ସହ ପ୍ରସ୍ତୁତି ଚାଲିଛି। ତେବେ ଏହି ଅବସରରେ ମାଆଙ୍କୁ ନୀଳକଇଁରେ ମଣ୍ଡିତ କରିବାର ଯେଉଁ ପରମ୍ପରା ଥିଲା ତାହା ଏବେ ଆଉ ଦେଖିବାକୁ ମିଳୁନି। ସେହି ନୀଳକଇଁ ଏବେ ହଜି ଯାଇଛି।

ଏହାପଛରେ ଏକ ପୌରାଣିକ ତଥ୍ୟ ରହିଛି। ରାବଣଙ୍କୁ ଯୁଦ୍ଧରେ ପରାସ୍ତ କରିବା ପାଇଁ ରାମଚନ୍ଦ୍ର ଦେବୀ ପୂଜା କରିଥିଲେ। ବର୍ଷାଋତୁରେ ଜଙ୍ଗଲ ଭିତରେ ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସେ ୧୦୮ ନୀଳକଇଁରେ ଦେବୀଙ୍କୁ ପୂଜାର୍ଚ୍ଚନା କରିବାର ମନସ୍ଥ କରିଥିଲେ। ଏଥିପାଇଁ ହନୁମାନଙ୍କୁ ନୀଳକଇଁ ଆଣିବା ପାଇଁ ରାମଚନ୍ଦ୍ର ପଠାଇଥିଲେ। ବର୍ଷାଦିନ ଯୋଗୁ ଜଙ୍ଗଲରେ ପାଣି ଥିବା ଅଞ୍ଚଳରେ ଏହି ଫୁଲ ପର୍ଯ୍ୟାପ୍ତ ଉପଲବ୍ଧ ହେଉଥିବାରୁ ରାମଚନ୍ଦ୍ର ନୀଳକଇଁ ମାଆଙ୍କୁ ଦେବା ପାଇଁ ଚିନ୍ତା କରିଥିଲେ। ତେବେ ଯେତେଥର ହନୁମାନ ଫୁଲ ଆଣି ରାମଚନ୍ଦ୍ରଙ୍କ ପାଖେ ପହଞ୍ଚୁଥିଲେ, ସବୁବେଳେ ଗୋଟିଏ ଫୁଲ କମ ରହୁଥିଲା। ଅର୍ଥାତ୍ ୧୦୮ ଜାଗାରେ ୧୦୭ ଫୁଲ ହେଉଥିଲା। ବାରମ୍ବାର ଏପରି ହେବାରୁ ରାମଚନ୍ଦ୍ର ବ୍ୟସ୍ତ ହୋଇପଡ଼ିଥିଲେ। କାହିଁକି ଏପରି ହେଉଛି ତା'ର କାରଣ ବି ସେ ଜାଣିପାରି ନ ଥିଲେ। ରାମଚନ୍ଦ୍ରଙ୍କୁ ରାଜୀବଲୋଚନ ଏବଂ କମଳଲୋଚନ ବୋଲି କୁହାଯାଏ। ତାଙ୍କ ଆଖି ନୀଳକଇଁ ଭଳି। ସବୁବେଳେ ଗୋଟିଏ ଫୁଲ କମ ହେବାରୁ ସେ ତୀର ମୁନରେ ତାଙ୍କର ଗୋଟିଏ ଆଖି ତାଡି ୧୦୭ଫୁଲ ସହ ମିଶାଇ ଦେବୀଙ୍କୁ ଅର୍ପଣ



ପାଇଁ ନିଷ୍ପତ୍ତି ନେଇଥିଲେ। ଏତେବଡ କଠୋର ନିଷ୍ପତ୍ତି ନେବା ଦେଖି ଦେବୀ ତାଙ୍କ ଆଗରେ ଆବିର୍ଭୂତା ହୋଇ ବିଜୟର ବର ଦେଇଥିଲେ। ପରେ ଦଶମୀ ତିଥିରେ ରାମଚନ୍ଦ୍ର ରାବଣଙ୍କୁ ବଧ କରିଥିଲେ। ସେହିଦିନକୁ ବିଜୟା ଦଶମୀ କୁହାଯାଏ।

ଦେବୀ ପୀଠମାନଙ୍କରେ ଦେବୀଙ୍କୁ ସର୍ବତ୍ର ନୀଳକଇଁ ଦେବାର ପରମ୍ପରା ସେହିଦିନଠାରୁ ରହି ଆସିଛି। ବିଶେଷକରି ପୁରୀ ଜିଲାର ବ୍ରାହ୍ମଣ ଶାସନରେ ଏହା ବହୁଳ ଭାବେ ପ୍ରଚଳିତ ଥିଲା। ବ୍ରାହ୍ମଣ ଶାସନରେ ଦେବୀପୀଠରେ ଦେବୀଙ୍କୁ ନୀଳକଇଁରେ ସଜ୍ଜିତ କରାଯାଉଥିଲା। ଓଡ଼ିଶାର ପ୍ରାଚୀନ ରାଜଧାନୀ ଯାଜପୁର ଜିଲାରେ ମଧ୍ୟ ଦେବୀଙ୍କୁ ନୀଳକଇଁ ଅର୍ପଣ କରି ପୂଜାର୍ଚ୍ଚନା ହେଉଥିଲା। ଗ୍ରାମର ଯୁବକଙ୍କଠାରୁ ଆରମ୍ଭ କରି ମାଳୀ ପର୍ଯ୍ୟନ୍ତ ସମସ୍ତେ ସକାଳୁ ସକାଳୁ ବିଭିନ୍ନ ପୋଖରୀ, ଗାଡିଆ, ଯୋରରୁ ଏହି ଫୁଲ ସଂଗ୍ରହ କରୁଥିଲେ। ବର୍ଷାଦିନେ ନୀଳକଇଁ ସହ ଧଳା କଇଁଫୁଲ (ଗୋବରା କଇଁ) ମଧ୍ୟ ଉପଲବ୍ଧ ହେଉଥିଲା। ତେଣୁ ନୀଳକଇଁ ମାଆଙ୍କ ପାଇଁ ଏବଂ ଧଳାକଇଁ ମାଆଙ୍କ ବେଢା ଏବଂ ଘରଦ୍ୱାର ସଜାଇବା ପାଇଁ ବ୍ୟବହୃତ ହେଉଥିଲା। ବ୍ରାହ୍ମଣ ଶାସନର ଯେଉଁମାନଙ୍କ ଘରେ ପୂଜାଘର ଥାଏ, ଖାଲି ସେମାନେ ନୁହନ୍ତି ଅନ୍ୟ ସମସ୍ତେ ମଧ୍ୟ କଇଁଫୁଲରେ ଘର ଦୁଆରମୁହଁ ସଜାଇଥାନ୍ତି। ତେବେ ସମୟକ୍ରମେ ଧଳାକଇଁରେ ଘର ସଜାଇବା ପରମ୍ପରା କମି ଆସିଛି। ସମୟକ୍ରମେ ଖାଲଖମା, ପୋଖରୀ, ଗଡିଆ ପୋତି ହୋଇ ଧଳାକଇଁ ଫୁଲ ଫୁଟିବା କମି ଯାଇଛି। ପୂର୍ବରୁ ଦୁର୍ଗା ପୂଜା ପାଇଁ ଗ୍ରାମଗୁଡିକୁ ଶଗଡ଼ ଶଗଡ଼ କଇଁଫୁଲ ଆସେ। ପ୍ରତ୍ୟେକ ଦୁଆରମୁହଁରେ କଇଁଫୁଲର ଡେମ୍ଫକୁ ଭାଙ୍ଗି ମାଳ କରି ସଜାଯାଏ। ମୁଖ୍ୟତଃ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଏହି ସଜ୍ଜାସଜି କାର୍ଯ୍ୟ ଅବ୍ୟାହତ ହୁଏ। ମଧ୍ୟରାତ୍ରରୁ ଗ୍ରାମର ଯୁବକମାନେ ଫୁଲ ଅନ୍ୱେଷଣରେ ବାହାରି ପଡନ୍ତି। ଅଣ୍ଟାଏ ଅଣ୍ଟାଏ ପାଣିରେ ଚନ୍ଦ୍ରରାତିରେ ଧଳା କଇଁଫୁଲ ତୋଳିବାର ମଜା ବେଶ ନିଆରା ହୋଇଥାଏ। କିନ୍ତୁ ଏହି ନୀଳ ଓ ଧଳା କଇଁ ଫୁଲ ଅଭାବରୁ ଏହି ପରମ୍ପରା ଏବେ ପ୍ରାୟ ବିଲୁପ୍ତ ହେବାକୁ ବସିଛି। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ପୂର୍ବରୁ ଯାଜପୁର ଜିଲାରେ ବି ନୀଳକଇଁ ମିଳୁଥିଲା। ମା'ଦୁର୍ଗାଙ୍କ ପୂଜା ଅବସରରେ ମାନସିକ ପୂରଣ କରିବାକୁ ନୀଳକଇଁ ଅର୍ପଣ କରାଯାଉଥିଲା। କିନ୍ତୁ ପ୍ରାୟ ୨ ଦଶନ୍ଧି ହେଲା ସେହି ନୀଳକଇଁ ଫୁଲ ଆଉ ଦେଖିବାକୁ ମିଳୁନାହିଁ।

# ମହାକାଳପଡ଼ାରେ ତୁର୍କୀ ପକ୍ଷୀ ଚାଷ ପ୍ରତି ବଢୁଛି ଚାହିଦା

- ଗୋଟିଏ ପକ୍ଷୀର ହାରାହାରି ଓଜନ ୧୨ରୁ ୧୫ କିଲୋ
- ଟର୍କୀ ମାଂସ କିଲୋ ପ୍ରତି ୧୨ଶହ ଟଙ୍କା

ମହାକାଳପଡ଼ା, ୯।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ):

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ତୁର୍କୀ ଚାଷ ପ୍ରତି ବେଶ୍ ଅନୁକୂଳ ବାତାବରଣ ରହିଛି। ବ୍ଲକର ସ୍ଥାନୀୟ ବଉଳକଣି ପଞ୍ଚାୟତର ଟାଙ୍କି ବେଲାରିର ସେକ ସୁଲେମାନ ବର୍ଷେ ପୂର୍ବେ ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରୁ ତୁର୍କୀ ପକ୍ଷୀ ୪ଟି ଛୁଆ ଆଣିଥିଲେ। ଏହି ଛୁଆ ୧ ବର୍ଷ ମଧ୍ୟରେ ୫ରୁ୬ କିଲୋ ଓଜନ ହୋଇଛି। ଏହି ମାଂସର ବଜାର ମୂଲ୍ୟ ହଜାରରୁ ୧୨ଶହ ଟଙ୍କା ରହିଛି। ସରକାରୀ ପ୍ରୋତ୍ସାହନ ମିଳିଲେ ଅଞ୍ଚଳର ଅନେକ ବେକାର ଯୁବତୀଯୁବକ ଏହି ଚାଷ ପ୍ରତି ମନୋନିବେଶ କରିପାରିବେ ବୋଲି ସେ କହିଛନ୍ତି।

ସାଧାରଣତଃ ଦେଶୀ କୁକୁଡ଼ା ଭଳି ଏମାନେ ଘରର ବାଡ଼ି ବଗିଚାରେ ମିଳୁଥିବା କୀଟ ପତଙ୍ଗକୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ଆବଶ୍ୟକ ସ୍ଥଳେ ଘରର ଖୁଦ, ମୁଗ, ମୁଢ଼ି, ଧାନ, ଗହମକୁ ଖାଦ୍ୟ ରୂପେ ଦିଆଯାଇଥାଏ। ଏହାକୁ ଛାଡ଼ି ଦେଲେ ବିଭିନ୍ନ ପ୍ରକାର ତୃଣ ଜାତୀୟ ଉଦ୍ଭିଦକୁ ଖାଦ୍ୟ ରୂପେ ତୁର୍କୀ ପକ୍ଷୀଙ୍କୁ ଦିଆଯାଇଥାଏ। ଏହି ପ୍ରଜାତିର ତୁର୍କୀ ବର୍ଷକୁ ୧୨୦ରୁ ଅଧିକ ଅଣ୍ଡା ଦେଇଥାନ୍ତି। ଦେଶୀ କୁକୁଡ଼ାଠାରୁ ଏମାନଙ୍କ ଅଣ୍ଡାର ଆକାର ୨ ଗୁଣ ବଡ଼ ହୋଇଥାଏ। ୨୮ ଦିନରେ ଉଷୁମ ରହିବା ପରେ ମା' ତୁର୍କୀ ପକ୍ଷୀ ଶାବକ ଜନ୍ମ ଦେଇଥାଏ। ନିଜର ଶାବକମାନଙ୍କୁ ସୁରକ୍ଷା ଦେବା ପାଇଁ ମା' ତୁର୍କୀ ପକ୍ଷୀ ଶତ୍ରୁକୁ ଦେଖିଲା ମାତ୍ର ଖୁବ୍ ସତର୍କତା ଅବଲମ୍ବନ କରିବା ସହ ନିଜର ପୁଚ୍ଛକୁ ଫୁଲେଇ ଦେଇ ରାବିବାକୁ ଲାଗେ। ଫଳରେ ତୁର୍କୀ ପକ୍ଷୀ ପାଳକ ତୁର୍କୀ ପ୍ରତି ବିପଦ ଅଛି ବୋଲି ଜାଣିପାରେ। ଏହାର ଗୋଟେ ବିଶେଷ ଗୁଣ ରହିଛି ବିଷଧର ସରୀସୃପମାନେ ଅଗଣାରେ ପଶିବା ପୂର୍ବରୁ ଏମାନଙ୍କ ସହ ଲଢ଼େଇ କରିଥାନ୍ତି। ବିଶେଷକରି ସରକାରୀସ୍ତରରେ ଯଦି ପକ୍ଷୀ ପାଳକମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଆନ୍ତା ତେବେ ଚାଷ ପ୍ରତି ଯୁବତୀଯୁବକମାନେ ଆଗ୍ରହ ପ୍ରକାଶ କରି ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି, ସାଧାରଣ କୁକୁଡ଼ା ମାଂସଠାରୁ ଏହି ପକ୍ଷୀ ମାଂସର ଅଧିକ ଗୁଣବତ୍ତା ରହିଛି। ଏହାର କିଲୋ ପିଚ୍ଛା ଦର ବଜାର ତୁଳନାରେ ଢେର୍ ଅଧିକ ରହିଛି। ଉପଯୁକ୍ତ ଜଳବାୟୁ, ଉତ୍ତମ ବାତାବରଣ ରହିଛି। ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି, ଆମ ଅଞ୍ଚଳର ପକ୍ଷୀଚାଷୀମାନଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ବ୍ୟାପକ ପକ୍ଷୀ ଚାଷକରି ଭଲ ଦୁଇପଇସା ରୋଜଗାର କରିପାରିବେ। ମହାକାଳପଡ଼ା ପ୍ରାଣୀ ଚିକିତ୍ସକ ଅମରେଶ ସ୍ୱାଇଁଙ୍କୁ ପଚାରିବାରେ ଏହି ପକ୍ଷୀ ପାହାଡ ଅଞ୍ଚଳରେ ଦେଖା ଯାଆନ୍ତି। ଏ ଅଞ୍ଚଳରେ ଯଦି ଅଛନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ। ଏଥିପ୍ରତି କୌଣସି ସରକାରୀ ପ୍ରୋତ୍ସାହନ ନାହିଁ ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ଅଞ୍ଚଳରେ ତୁର୍କୀ ପକ୍ଷୀ।

# ଅବହେଳିତ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମମାଟି

■ ୮୨ତମ ପ୍ରଜାମଣ୍ଡଳ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଦିବସ ପାଳିତ
■ ଗାଁର ନାଁ ଗୌଡଥୁଆବାରି ପରିବର୍ତ୍ତେ ଗୌରବମୟ ଥୁଆବାରି ହେଉ

ନୂଆଗାଁ,୧୦।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଢିପି ପଞ୍ଚାୟତ ଥୁଆବାରି, ଗୌଡଥୁଆବାରି ଓ ଜାକେଡା ପଞ୍ଚାୟତ କୁଶିବିଡା ଗ୍ରାମରେ ମଙ୍ଗଳବାର ୮୨ତମ ପ୍ରଜାମଣ୍ଡଳ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମାରକୀ ଦିବସ ପାଳିତ ହୋଇଯାଇଛି। ଇଂରେଜଙ୍କ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ଥୁଆବାରି, ଗୌଡଥୁଆବାରି ଗ୍ରାମର ଅନେକ ସଂଗ୍ରାମୀ ଜେଲଦଣ୍ଡ ଭୋଗିବା ସହ ପ୍ରାଣ ହରାଇଥିଲେ। ସେହିପରି କୁଶିବିଡ଼ା ଗ୍ରାମର ଆଦିବାସୀ କଷ୍ଟି ଡାକୁଆ ଇଂରେଜମାନଙ୍କ ଗୁଳିରେ ଆଖି ବୁଜିଥିଲେ। ଦେଶକୁ ସ୍ୱାଧୀନ କରିବା ପାଇଁ ଜୀବନ ଦେଇଥିବା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରାଯାଉଛି।

ପୋଲିସ ପ୍ରଶାସନ ପକ୍ଷରୁ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଥୁଆବାରି ଗ୍ରାମରେ ମଙ୍ଗଳବାର ତୋପ ସଲାମି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ପୂର୍ବରୁ ଶହୀଦ ଦିବସରେ ପୂର୍ବାହ୍ନ ୧୧ଟାରେ ତୋପ ସଲାମି ଦିଆଯାଉଥିବା ବେଳେ ଚଳିତ ବର୍ଷ ସମୟ ପରିବର୍ତ୍ତନ କରି ସକାଳ ୮ଟାରେ ଦିଆଯାଇଥିଲା। ପୂର୍ବରୁ ଥୁଆବାରି ଗ୍ରାମରେ ଶହୀଦ ଦିବସ ବହୁ ଆଡମ୍ବରପୂର୍ଣ୍ଣ ସହକାରେ ପାଳିତ ହେଉଥିଲା। କିନ୍ତୁ ଚଳିତ ବର୍ଷ କେବଳ ତୋପ ସଲାମିରେ ସୀମିତ ରହିଥିଲା। ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ପରିଡ଼ା, ବୁଦ୍ଧି ପରିଡ଼ା ଓ ଦୟା ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତବର୍ଷଠାରୁ ଗୌଡଥୁଆବାରିଠାରେ ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ କରି ଶହୀଦ ଦିବସ ପାଳନ କରାଯାଉଛି। ଏହି ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରଥମେ ଥୁଆବାରିସ୍ଥିତ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଗୌଡଥୁଆବାରି ଗ୍ରାମକୁ ଆସି ଜାତୀୟ ପତାକା ଉତ୍ତୋଳନ କରିବା ସହ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗୌଡଥୁଆବାରି ଗ୍ରାମରେ ଶହୀଦ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲ୍ଲା ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ବିଜେଡି ସଭାପତି ସନ୍ନ୍ୟାସୀ ସାମଲ, ଗୋଲକ ବିହାରୀ ଗୋଛାୟତ, ଶଙ୍କର୍ଷଣ ବେହେରା, ପାରାଢିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ଶିକ୍ଷକ ତଥା ପ୍ରକୃତି ବନ୍ଧୁ ପଞ୍ଚାନନ ପ୍ରଧାନ, ଦାଶରଥି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶହୀଦଙ୍କ ଗାଁର ନାମ ଗୌଡ-ଥୁଆବାରି ନ ହୋଇ ଗୌରବମୟ ଥୁଆବାରି ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି ବିଧାୟକ ବେହେରା କହିଥିଲେ। ଶହୀଦଙ୍କ ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ଗ୍ରାମବାସୀଙ୍କ ଦାବି ରହିଥିବା ବେଳେ ସେ ଏ ସଂକ୍ରାନ୍ତରେ ବିଧାନସଭାରେ ପ୍ରସ୍ତାବ ଆଗତ କରିଥିଲେ। ଗ୍ରାମବାସୀଙ୍କ ଦାବି ଅନୁସାରେ ଶନିଶ୍ଚର ମନ୍ଦିରର କାମ ଚାଲିଛି ବୋଲି ବିଧାୟକ ବେହେରା କହିଥିଲେ। ଅନୁରୂପ ଭାବେ ଜାକେଡା ପଞ୍ଚାୟତ କୁଶିବିଡା ଗ୍ରାମରେ ଶହୀଦ କଷ୍ଟି ଡାକୁଆଙ୍କ ସ୍ମୃତି ଦିବସ ପାଳନ କରାଯାଇଛି।

ସାରା ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ସଂଗ୍ରାମୀଙ୍କ ଜନ୍ମମାଟି ଅବହେଳିତ ହୋଇ ରହିଛି। ବାରମ୍ବାର ଗୁହାରି ପରେ ବି ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଲାଗି ରହିଛି। ପଞ୍ଚାୟତକୁ ଯାତାୟାତ ପାଇଁ ରାସ୍ତା ନାହିଁ। ଏସବୁ ଅବ୍ୟବସ୍ଥା ଭିତରେ ନେତା ଓ ପ୍ରଶାସକମାନେ ଶହୀଦ ଦିବସ ପାଳନ କରୁଛନ୍ତି । ଏହାକୁ ନେଇ ଶହୀଦମାନଙ୍କ ଉତ୍ତରାଧିକାରୀ ତଥା ନାତି କୁବେର ଡାକୁଆ, ଗୋବିନ୍ଦ ଡାକୁଆ, ଗୋପୀନାଥ ଡାକୁଆ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି ।



ଶହୀଦଙ୍କ ସ୍ମୃତି ସଭାରେ ମଞ୍ଚାସୀନ ଅତିଥି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟବ୍ରତ


@ ଅମୃତା


@ ସତ୍ୟଜିତ୍


@ ତୋଫାନ


@ ଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥଗଡ଼ା ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ଖଣ୍ଡପଡ଼ା,୧୦।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ରଥଗଡ଼ା ଛକ ଏବେ ବ୍ୟବସାୟର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ଉକ୍ତ ଜନଗହଳିପୂର୍ଣ୍ଣ ଛକରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ବିଭିନ୍ନ ଯାତ୍ରୀବାହୀ ବସ୍ ଉକ୍ତ ଛକରେ ରହି ଯାତ୍ରୀମାନଙ୍କୁ ନେବା, ଆଣିବା କରୁଛି । ତେବେ ଉକ୍ତ ଛକରେ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାରଟିଏ ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଥଗଡା ଛକ ପାର୍ଶ୍ୱରେ ରହିଛି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର। ଗାଡ଼ିକୁ ଅପେକ୍ଷା କରିଥିବା ଯାତ୍ରୀମାନେ ମନ୍ଦିର ସମ୍ମୁଖରେ ଥିବା ଖୋଲାସ୍ଥାନକୁ ପ୍ରବେଶ କରି ପରିଶ୍ରା କରୁଛନ୍ତି । ଏହାକୁ ନେଇ ମନ୍ଦିର ପରିଚାଳନା କମିଟି ଓ ସେବାୟତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏପରି କି ମନ୍ଦିର ପରିସରରେ ପରିଶ୍ରା ନ କରିବା ପାଇଁ ଲୋକମାନଙ୍କୁ ବାରମ୍ବାର ବାରଣ କରାଯିବା ସତ୍ତ୍ୱେ କେହି ସେଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରଥଗଡା ଛକରେ ଏକ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାର ନିର୍ମାଣ କରିବା ପାଇଁ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



ବିଜେଡି ଜନ ସମ୍ପର୍କ ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀ।

ଖଣ୍ଡପଡ଼ା,୧୦।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟଠାରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ମା'ଉମାଦେବୀଙ୍କ ମନ୍ଦିର ନିକଟରେ ଶେଷ ହୋଇଥିଲା। ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ବହୁ ବିଜେଡି ନେତା, ପଞ୍ଚାୟତ ଲୋକ ପ୍ରତିନିଧି ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି

## ସରକାରଙ୍କ ସଫଳତାର ବାର୍ତ୍ତା କହିଲେ ନେତା, କର୍ମୀ

ଇଂ.ଦେବାଶିଷ ପଟ୍ଟନାୟକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲା ବିଜେଡି ସଭାପତି କିଶୋର ଚନ୍ଦ୍ର ଦାଶ, ଜିଲା ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଅଖିଳ କୁମାର ପଣ୍ଡା, ସମ୍ପାଦକ ମାଧବ ଚନ୍ଦ୍ର ସାହୁ, ନିରଞ୍ଜନ ବେହେରା, ପ୍ରଶାନ୍ତ ନାୟକ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ,ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ହୃଷିକେଶ ରାଉତଙ୍କ ସମେତ ୨୨ ପଞ୍ଚାୟତର ବିଜେଡି ସଭାପତି, ଲୋକପ୍ରତିନିଧି, ଏନଏସିର ବହୁ ବିଜେଡି କର୍ମୀ ଓ କାଉନସିଲର ଯୋଗଦେଇଥିଲେ। ବରିଷ୍ଠ ବିଜେଡି ନେତା ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ ।

# ଯକ୍ଷ୍ମା ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଶୁଭାରମ୍ଭ


ଯକ୍ଷ୍ମା ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଯକ୍ଷ୍ମା ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଡାକ୍ତର ଲୋରେନ କୁମାର ସାହୁ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ୧୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଯକ୍ଷ୍ମା ରୋଗୀ ଚିହ୍ନଟ କାରିବେ। ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ୨୨ଟି ଦଳ ଗଠନ କରାଯାଇଛି । ପ୍ରତିଟି ଦଳ ୭ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଯାଇ ଯକ୍ଷ୍ମା ରୋଗୀ ଚିହ୍ନଟ କରିବେ। ଦୀର୍ଘ ଦିନ ଧରି ଜ୍ୱର ଲାଗି ରହିବା, ଓଜନ କମିବା, ଦୁଇ ସପ୍ତାହରେ ଅଧିକ ଦିନ ଧରି କାଶ ଲାଗି ରହିବା, ଛାତିରେ ଯନ୍ତ୍ରଣା ହେବା ଓ କଫରେ ରକ୍ତ ପଡିବା ପରି ଲକ୍ଷଣ ଥିଲେ ତୁରନ୍ତ କଫ ପରୀକ୍ଷା କରାଯିବ । ସ୍ୱାସ୍ଥ୍ୟ ବିଭାଗର ସମ୍ପ୍ରସାରଣ ଅଧିକାରୀ ପ୍ରଭାକର ପଳେଇ ,ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ଉକ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କର୍ମଶାଳା

ଦଶପଲ୍ଲା,୧୦।୧୦(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପଦ୍ମଚରଣ ମିଶ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ପୁଅ ଦିଲୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଗତ ୨ ଦିନ ଧରି ପଦ୍ମଚରଣ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାର ପ୍ରଥମ ଦିନ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ନିର୍ଦ୍ଦେଶିକା ସ୍ୱୀକୃତି ପଣ୍ଡା, ପ୍ରଫେସର ଦୀନବନ୍ଧୁ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜ ଓ ଛାତ୍ରମାନଙ୍କ ପାଇଁ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏଥିସହ ଚାଇଲଡ ଲାଇନ ଫାଉଣ୍ଡେଶନ କଟକ ଦ୍ୱାରା ମୁମ୍ବାଇରୁ ଆସିଥିବା ପ୍ଲାନେଟୋରିୟମକୁ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଦେଖି ଥିଲେ । ଏଥିରେ ଗ୍ରହ ଉପଗ୍ରହର ଅବସ୍ଥିତି ଓ ଯାତାୟତକୁ ପିଲାମାନେ ପାଖରୁ ଦେଖି ପାରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶରତ କୁମାର ସାହୁ ସଂଯୋଜନା କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଇଓଙ୍କୁ ଫେରାଦ୍

## ପାଟଚଣ୍ଡୀପ୍ରସାଦରେ ୮ ଶ୍ରେଣୀକୁ ୨ ଶିକ୍ଷକ

ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର): ନୟାଗଡ଼ ବ୍ଲକ ବାଉଁଶିଆପଡା ପଞ୍ଚାୟତ ପାଟଚଣ୍ଡୀ ପ୍ରସାଦ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ମିଳିତ ହୋଇ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫେରାଦ୍ ହୋଇଛନ୍ତି। ୮ଟି ଶ୍ରେଣୀରେ ୨ ଶିକ୍ଷକ ପାଠ ପଢ଼ାଉଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠିକରେ ହେଉନି। ସେହିପରି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ପୁରୁଷୋତ୍ତମପୁର ବିଦ୍ୟାଳୟରେ ଡେପ୍ଲୟର୍ଡ କରାଯିବାର ୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ହେଁ ଡେପ୍ଲୟଡ ବାତିଲ ହେଉନି । ଏହାର ସମାଧାନ ନ ହେଲେ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡିବାକୁ ଅନୁମତି ଦିଆଯାଉ। ଅନ୍ୟପକ୍ଷେ ବିଦ୍ୟାଳୟରେ ତାଲା ଝୁଲାଇ ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ପ୍ରଜାମଣ୍ଡଳ ଆନ୍ଦୋଳନରେ କଷ୍ଟି ଡାକୁଆ ଥିଲେ ଚର୍ଚ୍ଚିତ



ଶହୀଦ କଷ୍ଟି ଡାକୁଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଅଛି।

ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ କଷ୍ଟି ଡାକୁଆଙ୍କ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ସ୍ଥାପିତ କଷ୍ଟି ଡାକୁଆଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ସେବାବ୍ରତୀ ଆଚାର୍ଯ୍ୟା ଆଚାର୍ଯ୍ୟ ଓ ଛାତ୍ରୀଛାତ୍ରମାନେ ମାଲ୍ୟାର୍ପଣ କରିବା ସହିତ ଧୂପଦୀପ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ସାମାଜିକ କର୍ମୀ ଶ୍ରୀଧର ସାହୁ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ କଷ୍ଟି ଡାକୁଆଙ୍କ ଜୀବନୀ ଉପରେ ଆଲୋଚନା କରି କହିଥିଲେ ପ୍ରଜାମଣ୍ଡଳ ଆନ୍ଦୋଳନର ଚର୍ଚ୍ଚିତ ନେତା ଥିଲେ କଷ୍ଟି ଡାକୁଆ। ୧୮୯୭ ଅକ୍ଟୋବର ୦୧ରେ ନୂଆଗାଁ ବ୍ଲକ୍ ଅନ୍ତର୍ଗତ କୁସବିଡା ଗ୍ରାମରେ ସେ ଜନ୍ମଲାଭ କରିଥିଲେ । ସେ ୧୯୪୨ ଅକ୍ଟୋବର ୧୦ରେ ଭାରତଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ନୂଆଗାଁ ଥାନା ପାଖରେ ବ୍ରିଟିଶ ପୋଲିସ ଗୁଳିରେ ଶହୀଦ ହୋଇଥିଲେ । ବିଦ୍ୟାଳୟର ସେବାବ୍ରତୀ ଆଚାର୍ଯ୍ୟା ଅର୍ଚ୍ଚନା ରଥ ଶହୀଦ କଷ୍ଟି ଡାକୁଆଙ୍କ ସଂଗ୍ରାମୀ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ସେବାବ୍ରତୀ ଆଚାର୍ଯ୍ୟ ପବିତ୍ର ସାହୁ, ରଞ୍ଜନ କୁମାର ପରିଡ଼ା, ରାମଚନ୍ଦ୍ର ମାନସିଂହ, କୃଷ୍ଣଚନ୍ଦ୍ର ଚିନରା ଓ ସେବାବ୍ରତୀ ଆଚାର୍ଯ୍ୟା ବିନୋଦିନୀ ବାରିକ, ଶୁଭଶ୍ରୀ ପଟ୍ଟନାୟକ, ଶୁଭସ୍ମିତା ସାହୁ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ।

# ପୂଜାରେ ଶବ୍ଦ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ

ଖଣ୍ଡପଡ଼ା,୧୦।୧୦(ଅଜୟ କୁମାର ମହାରଣା)

ପ୍ରତିବର୍ଷ ପରି ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ଅଧୀନ କଣ୍ଟିଲୋ, ବାଣପୁର ଓ ସିଧାମୂଳା ପଞ୍ଚାୟତର ବିଭିନ୍ନ ଗ୍ରାମ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ତେବେ ଏହି ପୂଜା କିପରି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ସେଥିପାଇଁ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଫାଣ୍ଡି ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କଣ୍ଟିଲୋ, ବାଣପୁର ଓ ସିଧାମୂଳା ପଞ୍ଚାୟତର ବିଭିନ୍ନ ପୂଜା କମିଟିର ସଦସ୍ୟ ଶରତ ଚନ୍ଦ୍ର ମହାରଣା, ପ୍ରକାଶ କୁମାର ନାୟକ, ଦିଲୀପ କୁମାର ସାହୁ, ଅଞ୍ଜନ କୁମାର ମହାରଣା, ରାମଚନ୍ଦ୍ର

## ଶୃଙ୍ଖଳିତ ପୂଜା ପାଇଁ ପୋଲିସ ପକ୍ଷରୁ ସଚେତନତା


ପୋଲିସ ପକ୍ଷରୁ ଆୟୋଜିତ ସଚେତନତା ସଭାରେ ପୂଜା କମିଟିର କର୍ମକର୍ତ୍ତା।

ମହାପାତ୍ର, ଭିକାରୀ ଚରଣ ସାହୁ, କାଳିନ୍ଦୀ ଚରଣ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ମାଧବ ଚନ୍ଦ୍ର ସାହୁ, ରଜତ କୁମାର ଦାସ, ଜୟକୃଷ୍ଣ ବେହେରା, ରାଘବ ଚନ୍ଦ୍ର ପ୍ରଧାନ, ସିଧାମୂଳା ସମିତି ସଭ୍ୟ ମହେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା କିପରି ଆକର୍ଷଣୀୟ ହେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସାହିରେ ଅନୁଷ୍ଠିତ ପୂଜା ମଣ୍ଡପ ତଥା ମେଢକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥାଏ। ଏହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଟ୍ରାଫିକ ବ୍ୟବସ୍ଥାକୁ କିପରି ଶୃଙ୍ଖଳିତ କରାଯାଇ ପାରିବ ସେ ସମ୍ପର୍କରେ ଜନ କଲ୍ୟାଣ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା ସୂଚନା ଦେଇଥିଲେ । ଅପରପକ୍ଷେ ଭସାଣି ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯିବା ପରେ ନିର୍ଦ୍ଦିଷ୍ଟ ସମୟ ଓ ରୁଟ ଚାର୍ଟ ପ୍ରସ୍ତୁତ କରିବାକୁ କୃଷ୍ଣେଶ୍ୱର କ୍ଲବ ସଭାପତି ପ୍ରକାଶ କୁମାର ନାୟକ ପୋଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୁର୍ଗା ପୂଜା ଉପଲକ୍ଷେ ଗ୍ରାମ ପରିବେଶ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଫାଣ୍ଡି ଅଧିକାରୀ ଜେନା ସୂଚନା ଦେଇଥିଲେ। ଭସାଣି ଉତ୍ସବ ନିର୍ଦ୍ଧାରିତ ସମୟ ରାତି ୧୦ଟା ପୂର୍ବରୁ ଶେଷ କରାଯିବ। ପୂଜା ପାର୍ବଣ ସହ ଭସାଣିରେ ଡ଼ିଜେ ସାଉଣ୍ଡ ଉପରେ କଟକଣା ଲାଗୁ କରାଯାଇଛି। ଶବ୍ଦ ପ୍ରଦୂଷଣ ରୋକିବା ଦିଗରେ ଡିଜେ ସାଉଣ୍ଡ ବ୍ୟବହାର ଉପରେ ସମସ୍ତ ପୂଜା କମିଟି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଜେନା ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏଏସଆଇ ମନୋରଞ୍ଜନ ପଣ୍ଡାଙ୍କ ସହ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

